ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

www. hirranmayi.com

বিশেষাঙ্ক "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହିରଣ୍ମୟୀ - ବିଶେଷାଙ୍କ - " କୃଷ୍ଣ " - (ସେପ୍ଟେମ୍ବର - ୨୦୧୯)
ଏହି ବିଶେଷାଙ୍କ କୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ଭାଗବତ ବାଣୀ

ଏକ ରୁ ଦଶ
ମୁରାରୀ ପ୍ରସାଦ୍ ପଶାଏତ୍

ଡାକିବାକୁ ତତେ ଇଚ୍ଛା ହୁଏ କୃଷ୍ଣ
ସୁଦ୍ଯୁମା ପଣ୍ଡା

ଭାବର ଠାକୁର ତମେ
ସୁପ୍ରଭା ସାମଲ

ଭାଳେ ଯଶୋଦା ରାଣୀ
ସୁଷମା ପରିଜା

କୃଷ୍ଣ.. କୃଷ୍ଣ.. ଶ୍ରୀ କୃଷ୍ଣ
ମନୋରମା ମିଶ୍ର

ନାରୀ କବି କୁନ୍ତଳା କୁମାରୀ ସାବତ ଙ୍କ କବିତା

ଫେରିଆସ କାହ୍ନୁ
ପ୍ରଭାସିନୀ ହୋତା

ମୋ କଳା କାହ୍ନୁ
ଅମ୍ବିକା ସ୍ୱାଇଁ

ନମାମି କୃଷ୍ଣ
ପୁଷ୍ପାଞ୍ଜଳି ପଣ୍ଡା

ଗୋପୀମାନଙ୍କ ଆନନ୍ଦ ଗୀତ
ଗୋବିନ୍ଦ ନେପାକ

ରାଇ ଦାମୋଦର
ଜୟଶ୍ରୀ ପଟ୍ଟନାୟକ

ତୁମରି କୃଷ୍ଣ ନାମେ
ପ୍ରତିଭା ପରିଜା

ପଙ୍କଜିନୀ ଉପାଧ୍ୟାୟ ଙ୍କ ଦୁଇଟି କବିତା : **ହେ ମନମୋହନ / ଜୟ ଶ୍ରୀକୃଷ୍ଣ**

କୃଷ୍ଣାବତାର
ବାଉରିବନ୍ଧୁ ଲେଙ୍କା

ଶ୍ରୀ କୃଷ୍ଣ
କମଳିନୀ ଦେବୀ

କାହ୍ନା ରେ
ଅରୁଣ କୁମାର ମହାନ୍ତି

ଆହା ମୋର ପ୍ରିୟତମ - ସୁନ୍ଦର... ସୁନ୍ଦର
ରମେଶ ଚନ୍ଦ୍ର ପସାଏତ୍

ଲୀଳାମୟ କଳାକାହ୍ନୁ
ପ୍ରଶାନ୍ତ କୁମାର ନାଥ

ଏଇ ମୋର ଶେଷ ଚିଠି
ସାବିତ୍ରୀ ପୁରୋହିତ

ଥରେ ଛୁଇଁ ଯାଅ
ରଶ୍ମିତା ଦୀକ୍ଷିତ

ମନ ବୁଝିବ ସେ କଳା କହ୍ନାଇ
ସଚ୍ଚିଦାନନ୍ଦ କର

ତୃଣଧାରୀ ତ୍ରାଣକର୍ତ୍ତା
ତ୍ରିଲୋଚନ ପଣ୍ଡା

ଅଳପ କଥା ରେ
ସୁଷମା ଲେଙ୍କା

ହେ ବନ୍ଧୁ
ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା

ବେଣୁ ଗୀତ
ରାଜଲକ୍ଷ୍ମୀ ତ୍ରିପାଠୀ

ହେ କୃଷ୍ଣ !
ଡମ୍ବରୁଧର ବାଗ

ହେ କୃଷ୍ଣ!
କନକ ଲତା ଦାଶ

କୃଷ୍ଣ ଜନ୍ମ
ଆଲୋକ କୁମାର ରାୟ

ତୁ ମୋର ଏକାନ୍ତ ଆପଣାର
ପଦ୍ମିନୀ ଦାଶ ମହାପାତ୍ର

ହେ ବଂଶୀ ବାଦକ
ହେମାଙ୍ଗିନୀ ଦାଶ

ହେ କେଶବ !
ଡ. ସଂଯୁକ୍ତା ହୋତା

ନୀଳକୃଷ୍ଣ .. ନୀଳ ନୀଳାମ୍ବର
ପ୍ରଭାତ ନାୟକ

ହେ କୃଷ୍ଣ !
ବୀଣାପାଣି ରାଏଗୁରୁ

ପ୍ରେମ ସମ୍ମୋହନ
ତାପ୍ତିମୟୀ ପଣ୍ଡା ମିଶ୍ର

ପ୍ରିୟତମ କୃଷ୍ଣ
ସନ୍ଧ୍ୟାରାଣୀ ପରିଜା

ଆସ ନି ଯେ ଘାଏ
ଅଧିକାରୀ ସା

ଦେଖ କୃଷ୍ଣ
ରତିକାନ୍ତ ଦୁବେ

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଓଁ ଶ୍ରୀକୃଷ୍ଣମ୍ ବନ୍ଦେ ଜଗତ୍ ଗୁରୁମ୍

ଭାଗବତ ବାଣୀ

ନିରତେ ଚିନ୍ତ ନରହରି
ନ ମର ଶୂନ୍ୟେ କଳି କରି ।
ଗୋବିନ୍ଦ ନାମ ଜ୍ଞାନରସ
କହଇ ଜଗନ୍ନାଥ ଦାସ ।।

(ଦଶମ ସ୍କନ୍ଦ)

xxxxxxxxxxxxxxxxxxxxxxxxxxxx

କୃଷ୍ଣର ପାଦ ନଖପନ୍ତି
ଚନ୍ଦ୍ର କିରଣ ପ୍ରାୟ ଜ୍ୟୋତି ।
ସେ ଯାର ହୃଦୟେ ପ୍ରକାଶେ
ଅଶେଷ ଘୋର ତମ ନାଶେ ।
ଏଣୁ ଯେ ହୃଦେ ହରି ଭୟେ
ହରି ତା ହୃଦୟ ନ ତେଜେ ।।

(ଏକାଦଶ ସ୍କନ୍ଦ)

xxxxxxxxxxxxxxxxxxxxxxxxxxxxxxxxxxxxx

ଗଗନ ସମୀରଣ ଜ୍ୟୋତି ଯେ ଅବା ସଲିଳ ଧରିତ୍ରୀ
ନଦୀ ସାଗର ତରୁଗଣ ପର୍ବତ ସାଗର ଜଙ୍ଗମ ।
ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର ଏ ସର୍ବ କୃଷ୍ଣର ଶରୀର ।

(ଏକାଦଶ ସ୍କନ୍ଦ)

Xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

କର୍ମ ଆଦରି ସହି ଦୁଃଖ କେବେ ହେଁ ନୋହିବ ବିମୁଖ
ଦୁଃଖେ ନ ଛାଡି ନିଜ ପଥ ଚଞ୍ଚଳ ନ କରିବ ଚିତ୍ତ ।

(ଏକାଦଶ ସ୍କନ୍ଦ)

Xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

ଉତ୍ତମ ସଙ୍ଗେ ସଙ୍ଗ ଯାର ସେ କରେ ଉତ୍ତମ ବେଭାର
ହୀନ ସଙ୍ଗତେ ହୀନଗତି ହସି କହନ୍ତି ଯଦୁ ପତି ।

(ଏକାଦଶ ସ୍କନ୍ଦ)

xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

ଦୃଷ୍ଟି ପବିତ୍ର ପାଦନ୍ୟାସ ବସ୍ତ୍ର ପବିତ୍ର ଜଳ ଗ୍ରାସ ।
ବାକ୍ୟ ପବିତ୍ର କହି ସତ୍ୟ ମନ ପବିତ୍ରେ ଥିବ ନିତ୍ୟ ।

(ଏକାଦଶ ସ୍କନ୍ଦ)

Xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

ଧନ୍ୟ ଜୀବନ ଏ ଜଗତେ
ଯେ ପ୍ରାଣ ଧରେ ପର ହିତେ ।

(ଏକାଦଶ ସ୍କନ୍ଦ)

xxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxxx

ସର୍ବ ଶରୀର ମଧ୍ୟେ ସାର ଦୁର୍ଲଭ ନର କଳେବର ।
ସୁଲଭ ନାବରୂପେ ଘାଟେ ବନ୍ଧନ ଭବସିନ୍ଧୁ ତଟେ ।
ଏ ନାବେ ଗୁରୁ କର୍ଣ୍ଣଧାର ମୁହିଁ ଅନୁକୂଳ ସମୀର ।
ଏମନ୍ତ ନାବ ଥାଉ କୂଳେ ଯେବା ନ ତରେ ଭବଜଳେ
ସେ ନର ହୀନ ମୁଢମତି ତାହାକୁ ବୋଲି ଆତ୍ମଘାତି ।

(ଏକାଦଶ ସ୍କନ୍ଦ)

xxxxxxxxxxxxxxxxxxxxxx

ନମଇଁ ପ୍ରଭୁ ଜ୍ଞାନ ଆଖି
ସକଳ ବୁଦ୍ଧିଙ୍କର ସାକ୍ଷି ।
ନମସ୍ତେ ଅନାଦି ପୁରୁଷ
ଅଖିଳ ଜ୍ୟୋତି ପରକାଶ ।
ନମଇଁ ପରମ ମଙ୍ଗଳ
ପରମ ଅତ୍ମା ଆଦିମୂଳ ।
କୃଷ୍ଣ ଚରଣ ଅବିରତ
ନମଇଁ ଦାସ ଜଗନ୍ନାଥ ।

ଓଁ ଶ୍ରୀକୃଷ୍ଣାର୍ପଣମସ୍ତୁ

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏକ ରୁ ଦଶ

ମୁରାରୀ ପ୍ରସାଦ୍ ପଶାଏତ୍

ଏକ ବ୍ରହ୍ମ ଏହି, ମହି ମଣ୍ଡନ...
ଦୁଇ ତତ୍ତ୍ୱେ ଭକ୍ତ , କରେ ଭଜନ.... ହେ
ସାକାର ଓ ନିରାକାର ନାମ...ହେ । ୧ ।

ତିନିଗୁଣ ସତ୍ତ୍ୱ ,ରଜ ଓ ତମ....
ଚାରିବେଦେ ବେଦ,ବଖାଣେ ଶମ...ହେ
ଋକ୍ ,ଯଜୁଃ,ସାମ,ଅଥର୍ବ ନାମ ହେ..। ୨ ।

ପାଞ୍ଚ ମନ ପାଞ୍ଚ ପରାଣ ଜାଣ...
ଛଅରିପୁ ଶରୀର ଆଭୁଷଣ...ହେ
ବଳେ ବଳେ ମୟା , କରେ ଆଚ୍ଛନ୍ନ...ହେ । ୩ ।

ସାତ ସୁର ସା,ରେ,ଗା,ମା,ପା,ଧା,ନି..
ଆଠ ଅଙ୍ଗ ଯୋଗ, ବେଦ ବଖାଣି... ହେ
ଆତ୍ମତତ୍ତ୍ୱେ ସ୍ଥିତି ବୈରାଗ୍ୟ ଜାଣି... ହେ । ୪ ।

ନଅରସେ ଶ୍ରେଷ୍ଠ , ଭକତି ରସ...
ଦଶ ଇନ୍ଦ୍ରୀୟ ତ ହୁଅନ୍ତି ବଶ...ହେ
କୃଷ୍ଣମୟ ସରା ସୃଷ୍ଟି ପ୍ରକାଶ...ହେ । ୫ ।

କୃପା କଟାକ୍ଷରେ କଳୁଷ ନାଶେ...
କର୍ମଯୋଗୀ ,ଆତ୍ମତତ୍ତ୍ୱ ପ୍ରକାଶେ...ହେ
ଭାବ ଅଭାବରେ ମୁରାରୀ ଭାଷେ...ହେ ।୬।

(ନି .ଶରଧା)
ଆଚାର୍ଯ୍ୟ,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ,
ବଢେଇମୁଣ୍ଡା,ଝାରସୁଗୁଡା
ମୋ : ୮୬୫୮୨୧୮୮୧୫

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଡାକିବାକୁ ତତେ ଇଚ୍ଛା ହୁଏ କୃଷ୍ଣ

ସୁଦ୍ରୁମା ପଣ୍ଡା

ଡାକିବାକୁ ତତେ ଇଚ୍ଛା ହୁଏ କୃଷ୍ଣ
ଅନ୍ତର ମୋର ଫାଡି ।
ସତେ କି ହଟିଆ ଡାକ ଶୁଣି ମୋର
ଆସିବୁ ତୁହି ଦଉଡି ।।୧।।

ଦେବକୀ ହେବାକୁ କାରାଗାରେ ବନ୍ଧା
ହେବି ମୁଁ ଲୌହ ଶୃଙ୍ଖଳେ ।
ସହିବି କଂସ ର ଶତ ନିର୍ଯାତନା
ଧରିବାକୁ ତୋତେ କୋଳେ ।।୨।।

ତୋ ଅଳି ଅଝଟ ସବୁ ସହି ଯିବି
ହୋଇ ତୋ ଯଶୋଦା ମାଁ ।
ମାଟି ଖିଆ ପାଟି ବ୍ରହ୍ମାଣ୍ଡ ଦେଖିବି
ଯେବେ ତୁ କରିବୁ ଆଁ ।। ୩ ।।

ରାଧା ହେବା ପାଇଁ ସହିବି କହ୍ନେଇ
ଯେତେ ନିନ୍ଦା ଅପବାଦ ।
କାନ ଡେରି ଶୁଣୁ ଥିବି ନିଶି ଦିନ
ମୋହନ ମୁରଲୀ ନାଦ ।। ୪ ।।

ଗୋପି ଟିଏ ହୋଇ ଖୁଆଇ ଦେବି ମୁଁ
ଶ୍ରଦ୍ଧା ରେ ସର ଲବଣୀ ।
ତୋ ରଙ୍ଗ ପୟର ନୂପୁର ତାଳରେ
ନାଚୁ ଥିବି ବେଣୁପାଣି ।। ୫ ।।

କୁବୁଜା ହେବାକୁ ଆଦରି ନେବି ମୁଁ
ଜନ୍ମ ଜନ୍ମକୁ ବିରୂପ ।
ତାହିଁ ବସିଥିବି ଶ୍ରୀ ଅଙ୍ଗରେ ତୋର
ଦେବାକୁ ଚନ୍ଦନ ଲେପ ।। ୬ ।।

ସୁଦାମା ହେବାକୁ ବରି ନେବି କାହ୍ନୁ
ସାତ ଜନ୍ମ କୁ ଦାରିଦ୍ର୍ୟ ।
ତୋ ପ୍ରେମାଲିଙ୍ଗନେ ପୁଲକିତ ହୋଇ
କରୁଥିବି ନେତ୍ର ଆର୍ଦ୍ର ।। ୭ ।।

ଦ୍ରୌପଦୀ ହେବାକୁ ସହିବି ସଭା ରେ
ଯେତେ ଯାହା ଅପମାନ ।
ତୋର ହାତ ଟେକା ବସନ ପାଇ ମୁଁ
କରିବି ଜୀବନ ଧନ୍ୟ ।। ୮ ।।

ଜାଣିଛି ଏସବୁ ହୋଇ ପାରିବିନି
ନାହିଁ ମୋର ପୂଣ୍ୟ ବଳ ।
ତଥାପି କାହିଁକି ତୋ ସାନ୍ନିଧ ପାଇଁ
ହୁଏ ମୁଁ ସଦା ବ୍ୟାକୁଳ ।। ୯ ।।

ଟିକେ କୃପା କର ସେ ଶ୍ୟାମ ସୁନ୍ଦର
ବାଉଁଶ ଖଣ୍ଡିଏ ହେବି ।
ବଇଁଶୀ ଟେ ହୋଇ ତୋ ଅଧର ଛୁଇଁ
ମଧୁର ସ୍ୱର ତୋଳିବି ।।୧୦ ।।

କିଛି ଯଦି ମୋତେ ନ କରୁ ମୋହନ
କରି ଦେବୁ ପଟ୍ଟ ସୂତା ।
ମାଳ ଟିଏ ହୋଇ ତୋ ଗଳେ ଶୋଭିବି
ତୁଳସୀ ରେ ହୋଇ ଗୁନ୍ଥା ।।୧୧।।

ଭଟଲି (ବରଗଡ଼)

।। कृष्णःकर्षति आकर्षति सर्वान जीवान् इति कृष्णः

।। କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ।।

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଭାବର ଠାକୁର ତମେ

ସୁପ୍ରଭା ସାମଲ

ହୃଦୟର ପବିତ୍ର ପ୍ରାର୍ଥନା ଟେ ତମେ
ଓଁକାର ର ମୁଗ୍ଧ ପ୍ରତିଧ୍ୱନି.....
ଅନୁଭବର ଅସୀମ ବ୍ୟାପ୍ତି ତମେ
ଅୟୁତ ଅନୁରାଗ ଭରା
ଶବ୍ଦର ସୃଜନୀ...
ଅନ୍ତର ଭର୍ତ୍ତି ତୀବ୍ର ଆଲୋଡନ ଭିତରେ
ନିତି ପାଲଟୁଥାଏ ତମ ଭାବରେ ଶ୍ରାବଣୀ ।

କଣ ଦେବି ଯେ ତମକୁ... !
ଭାବରୁ ଭକ୍ତି, କୋହ ରୁ ମୋହ
ଇଛାରୁ ଅଭିଳାଷ ନା ମନରୁ ମୁହୂର୍ତ୍ତ...
ସବୁତ ଦେଇସାରିଛି
ହୃଦୟକୁ ପୁଷ୍ପଟିଏ କରି
ସମର୍ପି ସାରିଛି ତମ ପାଦ ତଳେ ।

ତୁଳସୀ, ଦୟଣା ଓ ଚନ୍ଦନ ମହକ
ଆଉ ମୋହନ ବଂଶୀର
ମଧୁର ମୂର୍ଚ୍ଛନାରେ ତଲ୍ଲୀନ ମୁଁ
ଭୁଲିସାରିଛି ସତ୍ତା ମୋ କେବେଠୁ.... !

ଏବେ କେବଳ ବିଶ୍ୱାସ ର ବସୁଧା ଉପରେ
ପକାଇବାକୁ ଚେଷ୍ଟା କରୁଛି ପାଦ
ଓଁ କାର ର ପବିତ୍ର ଉଚ୍ଚାରଣ ଭିତରେ
ପ୍ରତ୍ୟୟର ଆବେଗ ସବୁକୁ
ସାଉଁଟି ନେଇ ମୋହଗ୍ରସ୍ତ
ତମ ପ୍ରେମିକା ପଣରେ
ଭିତରେ ମୋ ଅସୁମାରୀ ପ୍ରୀତିର ପୁଲକ ।

ଭୟ ନାହିଁ ଅପବାଦର ଅପନିନ୍ଦାକୁ...
ବରଂ ତମରି ପ୍ରୀତିରେ
କଳଙ୍କର କଳା ଟୀକାକୁ
ମଥାରେ ମୋର ଭାବିନେବି
ସୌଭାଗ୍ୟ ତିଳକ
ତୃଷାତୁର ପ୍ରାଣେ ମୋର ତମ ପ୍ରୀତି
ଲେପି ଦେଉ ପ୍ରୀତି ଚନ୍ଦନର
ଶୀତଳ ପ୍ରଲେପ ।

ହୃଦୟ ତଟରେ ଗୁଞ୍ଜରିତ
ମିଳନର ବଂଶୀ ସ୍ୱନ
ଶୁଣି ଶୁଣି ମୁଦି ହେଇଯାଉ
ଦୁଇ ଆଖି ମୋର
ତବ ଶ୍ରୀଚରଣେ.... !

କୋଠପଦା, ମାହାଙ୍ଗା, କଟକ

।। कृष्णःकर्षति आकर्षति सर्वान जीवान् इति कृष्णः
।। କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ।।

ଭାଳେ ଯଶୋଦା ରାଣୀ

ସୁଷମା ପରିଜା

ରଙ୍କରତନ ମୋ ଧନରେ ମୋ' କଳା କହ୍ନେଇ
ସକାଳ ପହରୁ ଯାଇଛୁ ଧନ ବତ୍ସା ଚରେଇ ।।

ବଡଭାଇ ରାମ ସଙ୍ଗତେ ସୁଦାମ ଓ ସୁବଳ
ଧେନୁପଲ ସାଥେ ଅଛନ୍ତି ଅନ୍ୟ ଗୋପାଳବାଳ ।।

ଯମୁନା କୂଳରେ କଦମ୍ବ ଗଛ ବଡ ଗହଳ
କାଳିନ୍ଦୀ ହ୍ରଦରେ ଶୁଣିଛି କାଳୀ ନାଗର ବଳ ।।

ଖରା ତରାରେ ତ ବୁଲିଣ ଶ୍ରମରେ ଆସକତ
ଝାଳ ବୋହି ଧନ ହେବୁଣି ତୁ' ନିଶ୍ଚେ କ୍ଷୁଧାର୍ତ୍ତ ।।

ସର ଲବଣୀ ମୁଁ ସାଇତି ରଖିଛି ରେ ତୋ'ପାଇଁ
ଶରଧା ତୋର ସେଥିରେ ବାବୁ ଜାଣେରେ ମୁହିଁ।।

ମଉଳି ଗଲାଣି ସୁରୁଜ ତେଜ ମୋ ଗଳା ମାଳି
ଶୀତ ଲାଗିବଣି ଧନରେ ମୁଁ ଯେ ହେଉଛି ଭାଳି।।

ସ୍ୱଭାବେ ବାଳୁତ ବୟସ ଛନ୍ଦ ନଜାଣୁ ତୁହି
ଅସହଣୀ ଏ ଗୋପୀଏ ତତେ ନେବେ ଭୁଲେଇ।।

ତୋ'ଏନ୍ତୁଡି ଶାଳରେ ଯେ ପୂତନା ଛଳ କରି ପଶିଲା
ବିଷ ଭରିଥିଲା ଥନରେ ବିଧାତା ସିନା ବିନାଶିଲା।।

କିଛି ଦୋଷ କରି ନାହୁଁ ତ ମହାରାଜା କଂସର
କାହିଁକି ବହିଛି ଶତ୍ରୁତା ଜଳୁଛି ସେ ରୋଷର ।।

ନନ୍ଦରାଜ ତାଙ୍କ ଭୟରେ କର ଯୋଡିଣ ଥାଏ
ଯେତେ ଯେତେ କର ଅସୁଲ ସବୁ ଆଗରୁ ଦିଏ ।।

କଂସ ପଠାଇଛି ଅସୁର ତୋତେ ମାରିବା ପାଇଁ
ଶୁଣି ମୋର ଛାତି ଥରୁଛି ଧନ ଫେରିଆ' ତୁହି ।।

ଅଘା,ବକା,ଶକଟାସୁର ସେ ଯେତେ ପେଷିଲା
ତୋ' ଧର୍ମବଳେ ତୁହି ବର୍ତ୍ତିଲୁ ବିହି କରୁଣା କଲା।।

ଯେତେ ଗୋପାଳୁଣୀ ଅଛନ୍ତି ଏ ଗୋପ ଗାଁ'ରେ
ମିଛ ଅପବାଦ ଦିଅନ୍ତି ବାବୁ ତୋର ନାଆଁ ରେ ।।

କିଏ କହେ ନନ୍ଦରାଣୀ ଲୋ ତୋ'ର କାହ୍ନୁ ଟା ଚୋର
ଚୋରୀ କରି ଖାଏ ଲବଣୀ ଘରେ ପଶି ମୋହର ।।

କିଏ କହେ କାହ୍ନା ଭାଙ୍ଗିଛି ଦହିହାଣ୍ଡି କୁ ମୋର
ଯଶୋଦା ଲୋ ବଡ ଦୁଷ୍ଟାମି କରେ ପୁଅଟି ତୋର।।

ବାନ୍ଧି କରି ଘରେ ରଖ ତୁ ତୋ'ର କାହ୍ନା କୁ ଏବେ
ନହେଲେ ବାନ୍ଧିବୁ ଆମେ ଲୋ ଦୋଷ ଦେବୁନି ସେବେ।।

ଗୋଧୂଳିର ରଙ୍ଗ ଆକାଶେ ଅସ୍ତ ହେଲେଣି ରବି
ସଅଳ ଫେରିଆ' ଧନରେ ତୋ' ବାଟ ଜଗିଛି ଭାବି।।

ନୂଆବଜାର,କଟକ

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କୃଷ୍ଣ.. କୃଷ୍ଣ.. ଶ୍ରୀକୃଷ୍ଣ

ମନୋରମା ମିଶ୍ର

ମଥୁରା ନଗରେ କଂସ ବନ୍ଦୀଘରେ
ଦେବକୀର କୋଳ କରି ମଣ୍ଡନ ,
ଘୋର ବରଷାରେ ଅନ୍ଧାର ରାତିରେ
ଗୋପପୁରେ ଗଲ ବିଶ୍ୱ ବନ୍ଦନ । ୧ ।

ନୀଳ ନବଘନ ଜିଣି ଅପଘନ
ଯଶୋଦା ଧନ ହେ ! ନନ୍ଦନନ୍ଦନ ,
ଗୋପବାଳୀଙ୍କର ପ୍ରାଣର ଦୋସର
ବୃଷଭାନୁ ଜେମା ହୃଦଚନ୍ଦନ । ୨ ।

ଶୈଶବ ସାରଲ୍ୟେ କୈଶୋର ଚାତୁର୍ଯ୍ୟେ
ଭିଜାଇ ଯଶୋଦା ମାତା ନିରତ,
ଦଧି ,ସର , କ୍ଷୀର, ଗୋଟିକା ଅଧାମ
ଭୁଞ୍ଜିବାରେ ନିତ୍ୟ ଥିଲ ହୋ ରତ । ୩ ।

ବଜ୍ରବାଳ ସାଥେ   ଗୋଧନ ଚରାଇ
ବନମାଳୀ ବନେ ରଚିଲ ଲୀଳା ,
ଦୁଷ୍ଟ ଦୈତ୍ୟ ନାଶି କାଳୀୟ ବିନାଶି
ଲବଣୀ ଚୋର ହେ ! କରିଲ ଖେଳା । ୪ ।

ବାମ ହସ୍ତେ ଧରି ଗୋବର୍ଦ୍ଧନ ଗିରି
ରକ୍ଷା କଲ ଗୋପ ନଗର ଜନ,
ନଟ ନାଗର ହେ ! ଛଟକେ ହରିଲ
ରାଧା ରାଣୀ ସାଥେ ଗୋପୀଙ୍କ ମନ । ୫ ।

ଯମୁନା କୂଳରେ   କଦମ୍ବ ମୂଳରେ
ମୋହନ ବଇଁଶୀ ହାତରେ ଧରି ,
ତ୍ରି ଭଙ୍ଗିମା ଛନ୍ଦେ ହସି ମନ୍ଦେ ମନ୍ଦେ
ରାଇ ନାମେ ହେଉଥିଲ ହେ ଘାରି । ୬ ।

ଯଶୋଦା ଜୀବନ   ରାଧା ପ୍ରାଣଧନ
ଗୋପଲୀଳା ତେଜି ଗଲ ମଥୁରା ,
ଗୋଟିଏ ପଲକେ ଧରାରେ ଲୋଟିଲା
ବୀର କଂସାସୁର ମାତୁଳ ପରା । ୭ ।

ଅର୍ଜୁନ ସଖା ହେ ! ଦ୍ୱାରିକାଧିପତି
ମହାଭାରତର ମହା ସଂଗ୍ରାମେ
ବିଶାରଦ ପଣେ ଜଗତ ଜିଣିଲ
ଘାରି ହେଲେ ସର୍ବେ ତୁମରି ନାମେ । ୮ ।

ସଂସାରୀ ପରାୟେ   ସଂସାର ହରାଇ
ଶିଆଳି ଲଟାରେ ଶୟନ କଲ ,
ବିଧିର ବିଧାନେ ଜାରାର ଶରରେ
ଧରାଧାମୁ ସିନା ବିଦାୟ ନେଲ । ୯ ।

ଶାଶ୍ୱତ ତୁମେ ଅବିନଶ୍ୱର
ମୃତ୍ୟୁ ତୁମକୁ ପାରେନା ଛୁଇଁ,
କୃଷ୍ଣ ହେ ଏଇ କ୍ଲିଷ୍ଟ ଜୀବନ
କଟିଯାଉ ତବ ଚରଣ ଧ୍ୟାୟୀ । ୧୦ ।

ନୀଳାଦ୍ରି ବିହାର
ଭୁବନେଶ୍ୱର - ୨୧

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନାରୀକବି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଙ୍କ ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମର୍ପିତ କବିତା :



ଶାନ୍ତ ସୁନ୍ଦର ଛନ୍ଦେ ,
ନନ୍ଦେ ,ନନ୍ଦେ ,ନନ୍ଦେ ,
ନିଖିଳ ବିଶ୍ୱ ନିବିଡ ଆନନ୍ଦେ
ଚରଣ ବନ୍ଦେ ବନ୍ଦେ । ଘୋଷା ।

ଶତ ଚିତ୍ତ ତରଙ୍ଗିତ ସଙ୍ଗୀତ,
ଶତ ଶୁଭ୍ର ସୁମନ ସୁବାସିତ ,
ଶତ ସରିତ ନୀର ଅମୃତ
ବରଷେ ଶ୍ରୀପଦ ଅରବିନ୍ଦେ । ୧ ।

କୋଟି କନକତାରାମାଳି,
କାନ୍ତି କଳାକର ଭାସ୍କର ଥାଳି,
ପୂଜା ଅଞ୍ଜଳି ପୟରେ ଢାଳି ,
ସ୍ତବ୍ଧ ହୃଦ ନିଷ୍ପନ୍ଦେ । ୨ ।

କାନନ ଗହନ ଗିରି ଶ୍ରେଣୀ
ନୀଳ ନିରଧୀ ତରଙ୍ଗ-ବେଣୀ
ନୀଳ ନୀରଦ ନୀର ସମ୍ପଦ -
ମୁଗ୍ଧ ପରମ ଆନନ୍ଦେ । ୩ ।

କବିତା ପୁସ୍ତକ :" ଅର୍ଚ୍ଚନା "- ଅଧ୍ୟାୟ - 'ଚମ୍ପାଦଳ'
ପ୍ରକାଶିତ - ତାରିଖ -୦୮ -୦୨ -୧୯୨୯

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ଫେରିଆସ କାହ୍ନୁ

ପ୍ରବାସିନୀ ହୋତା

ସବୁ ତ ଯେମିତି କି ସେମିତି ଅଛି
ସେଇ ଯମୁନାର କୂଳ
ସେଇ କଦମ୍ବର ମୂଳ
ଖାଲି ଯାହା ତୁମେ ନାହଁ, କାହ୍ନୁ ...
ବାଜୁନାହିଁ ଆଉ ତୁମ ବଇଁଶୀର ସୁର

ଦେଖ !!
କେତେ ନୀରବତା ସଞ୍ଚରିଯାଇଛି
ପ୍ରାଣଠାରୁ ଶୂନ୍ୟ ଯାଏଁ
ଆଖିରେ ଆଖିରେ ପ୍ରସରିଯାଇଛି
ନିରିମାଖି ହାହାକାରଟିଏ

କଳକଳ ଯମୁନାର ଆଖି ଛଳଛଳ
ହମ୍ବାରଡ଼ି ଶୁଭେ ପୁଣି କ୍ରନ୍ଦନଠୁ ଆହୁରି ବିକଳ
ଇତସ୍ତତଃ ପ୍ରାଣ-ପକ୍ଷୀମାନ
ନିରସ...ଅବଶ...ବିବଶ
ସମୟର ଧାରେ ଗୋଟେ ଗୋଟେ ଗଣ୍ଡାଳିକା ମାତ୍ର

ଫେରିଆସ ତୁମେ, କାହ୍ନୁ !!
ପୁଲକି ଉଠୁ ଅନ୍ତରେ ବଞ୍ଚିବାର ନିଶା
ସ୍ପନ୍ଦନେ ଖେଳିଯାଉ ଛାତିରେ ଛାତିରେ
ଉତ୍ତାଳ,ଫେନିଳ ହେଉ... ଛୁଇଁ ଯାଉ କୂଳ
ମାନିନୀ ରାଧିକାର ପ୍ରେମ-ପାରାବାର
ମହାମନ୍ତ୍ର ହୋଇ ଶୁଭୁ ହମ୍ବାରଡ଼ି ମାନ
ଅମୃତ ସିଞ୍ଚନ କରୁ ଯମୁନାର ଜଳ

ଫେରିଆସ କାହ୍ନୁ....ଫେରିଆସ ତୁମେ
ଅନାଥପଣରୁ ମୁକ୍ତ ହେଉ
ଏ ଅଭିଶପ୍ତ ଗୋପପୁର..

ଭଟଲି ଛକ, ବରଗଡ଼

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୋ କଳା କାହ୍ନୁ"

ଅମ୍ବିକା ସ୍ୱାଇଁ

ମୋ କଳା କାହ୍ନୁ ହୃଦୟ ଠାକୁର
ହୃଦୟେ ବସିଛ ମୋର
ଦିନ ସରେ ନାହିଁ,ଭାବି ଭାବି ମୁହିଁ
କର୍ଣ୍ଣେ ବାଜେ ବଂଶୀ ସ୍ୱର । ।୧।

ଭାରି ମଧୁର, ତୁମ ବଂଶୀ ର ସ୍ୱର
ଝରୁ ଥାଏ ମଧୁ ଝର
ପୁଲକିତ ମନେ ବ୍ୟାକୁଳ ପ୍ରାଣରେ
ଭାବ ବିହ୍ୱଳିତ ନର ।   ।୨।

ଆନନ୍ଦର ଅଶ୍ରୁ ବହି ଯାଏ ଧାରେ
ଯେବେ ଭାବେ ତୁମ କଥା
ରୂପ ଦରଶନେ ଆତ୍ମ ହରା ହୁଏ
ନଇଁ ଯାଏ ମୋର ମଥା । ।୩।

ଆହେ' କଳା କାହ୍ନୁ କାଳିଆ ସାଆନ୍ତ
କେତେ ରୂପେ ପୂଜା ପାଅ
ଯେପରି ନାମରେ ଯିଏ ଡାକେ ଯେବେ
ତା' ପାଖକୁ ଆସି ଥାଅ । ।୪।

ସ୍ୱ ଦେହରେ ସିନା ଦେଖା ଦିଅ ନାହିଁ
ଅନୁଭବେ ଦେଖା ଦିଅ
ଭକ୍ତ ବନ୍ଧା ତୁମ ସେନେହ ଡୋରିରେ
ଭକ୍ତକୁ ଭାବ ରେ ପାଅ ।   ।୫।

ଶୟନେ,ସପନେ ଜାଗରିତ ବେଳେ
ମନ ଅନ୍ଦର ରେ ଅଛ
ମୋ' କଳା କାହ୍ନୁ ହୃଦୟ ଠାକୁର
ଏ କଥା କି ହେବ ମିଛ ! ।୬।

ତୁମରି ନାମକୁ ଭଜୁଅଛି ନିତି
ହୃଦୟ କନ୍ଦରେ ରଖି
କରୁଣା ବାରିରେ ଭିଜିବା ପାଇଁ କି
ସ୍ୱପ୍ନ କୁ କରିଛି ସାକ୍ଷୀ । ।୭।

ଭୁବନେଶ୍ୱର,
ମୋ:୯୭୭୭୫୯୯୬୯୫

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ନମାମି କୃଷ୍ଣ

ପୁଷ୍ପାଞ୍ଜଳି ପଣ୍ଡା

ହେ ! କୃଷ୍ଣ
ତୁମକୁ ବା କେମିତି ମୁଁ ଉତାରିବି କବିତା ରେ ମୋର
କେମିତି ଡାକିଲେ ତୁମେ ଡାକ ଶୁଣି.. ଦେଉଛ ଉତ୍ତର !
ଦେବକୀ ନନ୍ଦନ ଅବା ଯଶୋଦା ଜୀବନ
ଡାକିବି କି ରାଧାପ୍ରାଣ ଧନ
ଗୋପାଲୁଣୀ ପ୍ରିୟ କିବା ହଟିଆ ନାଗର
ପ୍ରେମମୟ , ବଂଶୀଧର , ପ୍ରଭୁ ଯୋଗେଶ୍ୱର !
ଦ୍ୱାରକା ନାଥ ନା ଲବଣୀ ଚୋର
ଯେତେ ନାଆଁ ଧରିଲେ ବି ,
ତୁମେ ପରା ଆଗ ଭକତ ର ।।
ଦ୍ରୌପଦୀ ର ଦୁଃଖ ଅବା ସୁଦାମା ବନ୍ଧୁତା
ବିଶ୍ୱରୂପ ଦର୍ଶନ ର ଅଲୌକିକ ଗାଥା ,
ସବୁ ଆଡେ କୃଷ୍ଣ ଆଉ ସବୁ କୃଷ୍ଣ କଥା ।
ତୁମେ ତୁମ ଇଚ୍ଛା ଅଧିଶ୍ୱର ।।

ହେ କୃଷ୍ଣ,
ଜନ୍ମ ନିଅ ପୁନର୍ବାର ,
ଦୁଃଖ ଯାଉ ପୃଥିବୀର ।
ଯଶୋଦା ର ମାତୃସ୍ନେହ
ଗୋପାଳଲୁଣୀ , ରାଧାପ୍ରେମ
ହେଉ ଉଦ୍ଭାସିତ ।
କୃଷ୍ଣମୟ ହୋଇଯାଉ
ସଂପୂର୍ଣ୍ଣ ଜଗତ ।।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ଗୋପୀମାନଙ୍କ ଆନନ୍ଦ ଗୀତ

ଗୋବିନ୍ଦ ନେପାକ

(ପୁରାତନ ରଚନା)

ଏତେ ନଟକୂଟ ଜାଣେ ନନ୍ଦଚାଟ
କାହାକୁ ଜଣା ଥିଲା ଗୋ ,
କେତେବେଳେ ଯାଇ ସେ କଳା କହ୍ନାଇ
ଶ୍ରୀରାଧାଙ୍କୁ ଆଣିଲା ଗୋ ।
ଶତ ଚନ୍ଦ୍ରମା-ବଦନୀ ,ବସି ଗଢ଼ିଥିଲା କେ ବିନ୍ଧାଣି ଗୋ ॥

ଘଡ଼ିଏ ନ ଥିଲେ ଆମ୍ଭ ଗୋପୀନାଥ
ଅନ୍ଧାର ଏ ଗୋପପୁର ଗୋ ,
ଦେଖ ଗୋ ବଉଳ ଆଜି କି ଗହଳ
କୁଞ୍ଜେ କିଶୋରୀ କିଶୋର ଗୋ ।
ନନ୍ଦରାଣୀ କି ଆନନ୍ଦ , ଆଜି ଦେଖି ପୂର୍ଣ୍ଣିମା ଚାନ୍ଦ ଗୋ ॥

ନନ୍ଦ ରାଜାଙ୍କର ଚାଲି କି ସୁନ୍ଦର
ଦେଖି ଆସୁଛନ୍ତି କେତେ ଗୋ ,
ଆଗୋ ସହଚରୀ ଦରଶନ କରି
ଚାଲିଯିବା ଏହି ପଥେ ଗୋ ।
କୁଞ୍ଜେ କୁଞ୍ଜର ଗାମିନୀ , ଶୋଭା ଦିଶେ ଝୁଲେ ନୀଳମଣି ଗୋ ॥

କେହୁ ବୋଲେ ସଖି ପବିତ୍ର ମୋ ଆଖି
କଳା କହ୍ନାଇଙ୍କୁ ଦେଖି ଗୋ ,
ଅଷ୍ଟ ସଖୀଗଣ ଆଳଟ ଧରିଣ
ବେଢ଼ିଛନ୍ତି ଚଉପାଖି ହେ ।
ଗୋବିନ୍ଦ ନେପାକ ହସ୍ତ ଯୋଡି , ସମ୍ପୂର୍ଣ୍ଣ କଲେ ଏ ଗୀତ ହେ ॥

(କବି ଗୋବିନ୍ଦ ନେପାକ ଙ୍କ ଦ୍ୱାରା ଲିଖିତ "ଶ୍ରୀକୃଷ୍ଣଙ୍କର ପେଟିକା ମୃଷା " କବିତା ପୁସ୍ତକରୁ ଗୃହୀତ)

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ରାଇ ଦାମୋଦର

ଜୟଶ୍ରୀ ପଟ୍ଟନାୟକ

ତୁମ ଆଖି ସହ ମୋ ଆଖି
ମିଶିଗଲା ପରେ
ଆଉ କିଛି ବି ଦେଖିନି
ପାପ କି ପୁଣ୍ୟ , ଧର୍ମ କି ଅଧର୍ମ , ପର କି ଆପଣାର
ଗୋପ ରେ ଥାଅ ଅବା ବୃନ୍ଦାବନେ
ତମାଳ ଲତାରେ ଥାଅ କି ଏରକା ବନରେ ।



ମୁଁ କେବଳ ଦେଖୁଚି ତୁମର ସେ
ସମ୍ମୋହିତ ତ୍ରିଭଙ୍ଗୀ ଠାଣିର
ସ୍ମିତହାସ୍ୟ ମଣ୍ଡିତ ନୀଳ ଶ୍ରୀମୁଖ ।

କିଏ କଳଙ୍କିନି କହିଲା, କିଏ ଦେଲା ଉଲୁଗୁଣା
କିଏ ପରାଧୀନ କରିଦେଲା ଭାବନାର ତନ୍ତ୍ରୀ ମାନଙ୍କୁ
କେଉଁଠି ବାଲିଚର ମାଡ଼ିଗଲା
ଭିଜା ଭିଜା ସ୍ୱପ୍ନମାନଙ୍କୁ, ତା ବି ଦେଖିନି ।

ବିଶ୍ୱାସର ବଳୟ ରେ ଛନ୍ଦି ଦେଇଚି ମନ
ନବଧା ଭକ୍ତିରେ କରିଛି ପୂଜନ
ଶାଶ୍ୱତ ଆନନ୍ଦେ ବାନ୍ଧିଚି ଜୀବନ
କୋଉ ଗୋପଙ୍ଗନା କୁ ଦେଇଛ ମନ
ତାକୁ କରିନି ବି ଈର୍ଷା
ଯେଣୁ ମୋ ବିଶ୍ୱାସରେ ରଖିଚି ଭରସା ।

ମୋ ଶୟନେ, ସପନେ ଅବା ଜାଗରଣେ
ତୁମେ ଥାଅ ମୋ ଅସ୍ତିତ୍ୱରେ ଆତ୍ମାରେ
ମୋ ପ୍ରେମ ପ୍ରଦୀପରେ ତୁମ ନାମ ରସରେ
ହୃଦୟର ପ୍ରଶାନ୍ତିରେ, ଭାବନାର ପ୍ରତି ମୁହୂର୍ତ୍ତରେ ।

ତେଣୁ ତ ପଚ୍ଛାଏନାହିଁ କହିବାକୁ ତୁମେ ମୋର
ନୀଳକାନ୍ତମଣି ପ୍ରଭୁ ଦାମୋଦର
ମୁଁ ରାଇ କିଶୋରୀ ଖାସ ତୁମର
ଏ ମିଳନ ଆମ ଯୁଗ ଯୁଗର ।

- ଗଙ୍ଗନଗର, ଭୁବନେଶ୍ୱର-

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତୁମରି କୃଷ୍ଣ ନାମ

ପ୍ରତିଭା ପରିଜା

ତୁମେ ମୋର ଆତ୍ମା
ତୁମେ ପରମାତ୍ମା
ଜାଣେ ନା ତୁମେ କେଉଁଠି ଥାଅ
ସ୍ଵର୍ଗ ରେ ନା ମର୍ତ୍ତ୍ୟ ରେ
ସ୍ଵର୍ଗ ବୋଲି କିଛି ଅଛି କି ନାହିଁ
ମୋ ହୃଦୟ କୁ ସ୍ଵର୍ଗ ବୋଲି ଭାବେ
ମର୍ତ୍ତ୍ୟ ବୋଲି ବି ଭାବେ ,
ବେଳେ ବେଳେ ନର୍କ ବୋଲି ବି ଭାବେ ।।
ଯେତେ ବେଳେ ତୁମ ମୁହଁ
ମୋ ଆଖି ଆଗେ ଦିଶି ଯାଏ
ସ୍ଵର୍ଗ ସ୍ଵର୍ଗ ଲାଗେ ସବୁ ।।

ତୁମେ ମୋର ମାନ
ତୁମେ ମୋର ଅଭିମାନ
ତୁମେ ମୋର ସ୍ଵାଭିମାନ
ଯେତେ ବେଳେ ହାରୁ ଥାଏ ମୁଁ
ଜୀବନ ଯୁଦ୍ଧରେ ବାର ବାର
ଅଭିମାନ ସ୍ଵାଭିମାନ ମୋର
ଭୂଲୁଣ୍ଠିତ ହେଉଥାଏ କପଟ ପାଶା ରେ
ଦୁଇ ହାତ ଧରି ମୋର
ତୁମେ ହିଁ ଉଠାଇ ଧର ଛାତିରେ ଲଗାଇ
ମୁଁ ଜାଣେ , ସେତେବେଳେ ଚାରି ଆଡ଼େ
ଦିଶୁ ଥାଏ କେବଳ ଆଲୋକ ର ଛାୟା ପଥ
ସୁଦୂର ପ୍ରସାରି ଏକ ସ୍ଵପ୍ନାବିଷ୍ଟ ରୂପ
ତୁମର କାୟା , ତୁମରି ଛାୟା ର
ସେ ହିଁ କୃଷ୍ଣ ରୂପ,ଏତେ ଭାଗ୍ୟ ମୋର କେଉଁଠି ଥାଏ କେଜାଣି
ସେତେବେଳେ ,ବଦଳି ଯାଏ କୋଟି ସୌଭାଗ୍ୟ ରେ
ତୁମକୁ ମୁଁ ଦେଖେ ଅତି ନିକଟ ରେ ।।
ତୁମେ ମୋର ପ୍ରେମ
ତୁମେ ମୋର ଧର୍ମ
ତୁମେ ହିଁ ମୋ କର୍ମ
ତୁମେ ମୋ ସକଳ ତୀର୍ଥ ର ଧାମ
ସକଳ ପାର୍ଥିବ ଅପାର୍ଥିବ ଐଶ୍ଵର୍ଯ୍ୟ
ତୁମେ ମୋର, ଜନ୍ମ ଜନ୍ମାନ୍ତର ପୁଣ୍ୟ
ଆଖି ଆଗେ ସଦା ରହିଥାଅ ତୁମେ
କଣ୍ଠେ ରହିଥାଉ ପୁଣ୍ୟଶ୍ଳୋକ ହୋଇ
ସଦା ତୁମରି ତୁମରି କୃଷ୍ଣ ନାମ ।।

।। କଟକ, ଓଡିଶା ।।

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନାରୀକବି ପଙ୍କଜିନୀ ଉପାଧ୍ୟାୟ ଙ୍କ ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅର୍ପିତ କରିଥିବା ଦୁଇଟି କବିତା :

ହେ ମନମୋହନ

ବଂଶୀର
ସେ ମଧୁସ୍ୱନ
ନିକ୍କଣିତ କର୍ଣ୍ଣମାନ
ତ୍ରିଭଙ୍ଗୀ ଛନ୍ଦରେ ନର୍ତ୍ତନ
ହେ ବିଶ୍ୱ ମନମୋହନ ।

ନର୍ତ୍ତନର
ଛନ୍ଦେ ଛନ୍ଦେ
ହୃଦୟର ବନ୍ଧେ ବନ୍ଧେ
ଚହଟୁ କଦମ୍ବ ବାସ
ବିଶ୍ୱାସର ମଧୁମାସ
ନିଶ୍ୱାସର ଶୁଦ୍ଧ ଆସ ।

ସମୀରର
କାନୁ କାନ
ଅଗରୁର ବାସ୍ନା ମନ
ଆସୁ ନିଶ୍ୱାସ ପବନେ
ଖେଳି ଯାଉ ତନୁ ମନେ ।

ଅସତ୍ୟର
ଇଲାକାରୁ
କଳା ଦାଗ ଲିଭିଯାଉ
ସତ୍ୟର ସୁଗୁଣ ଗାଉ
ସତ୍ୟ ହେଉ ଉଜ୍ଜିବିତ
ପ୍ରତିଷ୍ଠାରେ ମଧୁମିତ ।

ନର୍ତ୍ତନରେ ପ୍ରତି ଛନ୍ଦେ
ଜୀବନର ପୁଣ୍ୟ ବନ୍ଧେ
ପୁଲକରେ ପୁଲକିତ
ଦୁଃସ୍ୱପ୍ନ ହେଉ ପରାହତ ।

ଅତୀତର
କାଳିମା ର ଇତିହାସ
ଲିଭିଯାଉ ହୃଦୟ ପ୍ରବାସ
ବିରାଜୁ ଦୟା କ୍ଷମା ସତ୍ୟ ଶାନ୍ତି ସବୁଜିମା ,
ପ୍ରେମ ମୈତ୍ରୀ ବନ୍ଧନର ଅପୂର୍ବ ଉପମା ।

ଜୟ ଶ୍ରୀକୃଷ୍ଣ

ବଂଶୀର ସ୍ୱନ
ଜାଗରଣେ ଅବା ନିଦ୍ରିତେ
ସ୍ୱପ୍ନରେ ଅବା ବାସ୍ତବରେ
ବ୍ୟସ୍ତରେ ଅବା ସୁସ୍ଥରେ
ଦୁଃଖରେ ବା ସୁଖରେ
ସବୁ ବିପରୀତ ଅର୍ଥରେ
କର୍ଣ୍ଣ ପଟହରେ ଶୁଭେ ତା'ର ସ୍ୱର ।

ବିବ୍ରତତା ଭରିଦିଏ
ସର୍ବାଙ୍ଗ ଶରୀର
ମନ ହୁଏ ଆନମନା
ସତର ସତରେ ସମ୍ଭାବନା
ସ୍ୱପ୍ନ ସତେ ହୋଇବ ବାସ୍ତବ
ମିଳିଯିବ କୃଷ୍ଣ କୃପାଲାଭ ।

କାହିଁକି ?
ଛଳିଆ ସେ କଳିଆ ସେ
ଛଦ୍ମ ରୂପେ ସବୁଠାରେ
ପରୀକ୍ଷାରେ ରହେ ସଦା
କରଇ ନାନା ମସୁଧା
ସୁଯୋଗର ଅପେକ୍ଷାରେ।

ମନ ମଧ୍ୟେ ସ୍ୱଚ୍ଛ ଭାବ
ଆସିବାର ଅନୁଭବ
କେବେ ସୁଦିନ ସତେ
ମିଳି ଯିବ ଆକସ୍ମାତେ
କୋଟି ଜନ୍ମ ପାପ ଧୋଇ
ହୋଇଯିବି ତନ୍ମୟୀ।

କୃଷ୍ଣ ପାଦେ ରଖି ମତି
ଜୀବନ ଜୀଇବି ନିତି
ସେଇ ଟିକେ ମାୟା ମୋହ
କୃଷ୍ଣ ପାଦରେ ଆଶ୍ରୟ ।

ଆସ ଭାବ ବିନୋଦିଆ
ହୁଅ ମୋ ସମ୍ମୁଖେ ଠିଆ
ଦେଲେ ମୁଁ ମନ ଭରି
ମୀରା ବାଇ ପରି
ତଲ୍ଲିନ ମୁଁ ହୋଇଯାଏ
କୃପା ବାରି ପାଉଥାଏ ।

ଆଉ କିଛି ନାହିଁ ଲୋଡା
ଯିବା ପୂର୍ବରୁ ଏତିକି ମାଗୁଣି ପରା
ମୁକ୍ତିର ଆଲୋକ ପଥ
ମିଳି ଯାଉ ହେ କେଶବ।
ଜୟ ଶ୍ରୀକୃଷ୍ଣ... ଜୟ ଶ୍ରୀକୃଷ୍ଣ
ଜୟ ଶ୍ରୀକୃଷ୍ଣ ......

ଯାଜପୁର

॥ कृष्णःकर्षति आकर्षति सर्वान जीवान् इति कृष्णः

॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କୃଷ୍ଣାବତାର

ବାଉରିବନ୍ଧୁ ଲେଙ୍କା

ଯେବେ ଯେବେ ଧରଣୀରେ
ଅବକ୍ଷୟ ହୋଇଛି ଧର୍ମର
ଅବତରି ଆସିଥାଅ
ଦେହ ଧରି ଏ ଧରା ବକ୍ଷରେ
ଅଧର୍ମ ବିନାଶି ଧର୍ମ ସଂସ୍ଥାପନ କରି
ଉଡାଇଛ ଧର୍ମଧ୍ୱଜା
ଯୁଗେ ଯୁଗେ ନାନା ଅବତାରେ ॥

ହେ ପ୍ରଭୁ ହେ ଗୋଲକ ବିହାରୀ !
ଅବତାର ନେଇଥିଲ ଦ୍ୱାପର ଯୁଗରେ,
କୃଷ୍ଣ ନାମେ ମଥୁରା ନଗରେ,
ଦେବକୀଙ୍କ ପୁତ୍ର ରୂପେ
ଜନ୍ମିଥିଲ କଂସ ବନ୍ଦୀଘରେ ॥

କଂସ ଅଗୋଚରେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇ
ବୋଲାଇଲ ଗୋପେ ନନ୍ଦ ଯଶୋଦା ନନ୍ଦନ
ଗୋପେ ଗୋପାଙ୍ଗନା ଆଉ ରାଧା ରାଇ ସଙ୍ଗେ
ରଚିଥିଲ ରାସ ଲୀଳା ସାକ୍ଷୀ ବୃନ୍ଦାବନ ॥

କାଳିନ୍ଦି ତଟ ବିପିନେ ଆନ୍ଦରେ ଦିନେ
ମୋହିଥିଲ ଗୋପନାରୀ ମାନଙ୍କର ମନ
ବଜାଇ ମୋହନ ବଂଶୀ ସୁମଧୁର ସ୍ୱନେ
ବଦନ-କମଳ ମଧୁ କଲ ଆସ୍ୱାଦନ ॥

କ୍ଷୀର ସଙ୍ଗେ ପୂତନାର ପ୍ରାଣ ଶୋଷି ଦିନେ
ପ୍ରଳମ୍ବା ଅଘା ଶକଟା ବକାଦି ବଧିଲ
କାଳୀୟ ଦର୍ପ ଗଞ୍ଜନ, ଇନ୍ଦ୍ର ଗର୍ବ ଚୂର୍ଣ୍ଣ
କରି ଦିନେ ପ୍ରଭୁ ଗୋବର୍ଦ୍ଧନ ଟେକିଥିଲ ॥

ଧନୁଯାତ୍ରା ଅବସରେ ମଥୁରା ନଗରେ
କୁବୁଜାକୁ ଭେଟିଦେଲ ରୂପ ଓ ଲାବଣ୍ୟ
ଅତ୍ୟାଚାରୀ ମାମୁଁ କଂସାସୁର କରି ବଧ
ମାତା ଦେବକୀଙ୍କ ଦୁଃଖ କରିଲ ମୋଚନ ॥

ଭାରତ ଯୁଦ୍ଧରେ ଶଖା ଅର୍ଜୁନଙ୍କ ରଥେ
ସାରଥୀ ସାଜିଲ ଅସ୍ତ୍ର ନ ଧରିଣ ହସ୍ତେ
ତବ କୃପାବଳେ ପାଣ୍ଡବ ହୋଇଲେ ବିଜୟୀ
କୁରୁକୁଳ ଧ୍ୱଂସହେଲା ଗମିଣ ବିପଥେ ॥

ଅବଶେଷେ ଦ୍ୱାରକାରେ ବସାଇଲ ରାଜ୍ୟ
ପାତ୍ର ମନ୍ତ୍ରୀ ସହ ରାଜକାର୍ଯ୍ୟ ଚଳାଇଲ
ବନ୍ଧୁ ସୁଦାମା ଦାରିଦ୍ର୍ୟ କରିଲ ଭଞ୍ଜନ
ଅଶ୍ରୁଜଳେ ପଦ ଧୋଇ ଋଣ ଶୁଝିଦେଲ ॥

ଆସନ୍ତନି ଆଉଥରେ ଏ ଧରା ବକ୍ଷରେ
ବହୁ କଂସାସୁର ଆଜି କରନ୍ତି ଉତ୍ପାତ
ଚାହେଁ ଏ ଧରଣୀ ଆଜି ତବ ଆବିର୍ଭାବ
ଆସି ଥରେ କର ପ୍ରଭୁ ସେ ସବୁ ନିପାତ ॥

ଭୁବନେଶ୍ୱର, ମୋ : ୯୮୫୩୫୩୫୮୪୪

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"
ସଜନୀ ପରିବାର (ନେପାଳ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶ୍ରୀ କୃଷ୍ଣ

କମଳିନୀ ଦେବୀ

ଦ୍ୱାପରେ ଗୋପରେ ତୁମ୍ଭେ ମୋ କାହ୍ନା ରେ
କରିଲ ଲବଣୀ ଚୋରି
ଗୋପି ବାସଚୋରା, ରାଇ ହୃଦଚୋରା
ଗୋପାଳୁଣୀ ଦଧିଚୋରି ।।

ଏତେ ଚୋରି କରି ମାନିଲାନି ମନ
କଲ ପୁଣି ନାରୀ ଚୋରି
ସେଥିପାଇଁ ଗୋପୀ କଳା କି ବୋଲିଲେ
ତ୍ରିପଣ୍ଡ କାଳିଆ କରି ।।

କଳି ରେ ଚିହ୍ନିବେ କାଳିଆ ସୁନାକୁ
କଳାରେ ଅଛ ତୁମ୍ଭେ ଭରି
ମୋହନ ମୁରଲୀଧାରୀ କଳାକାହ୍ନୁ
ଆହେ ଶଙ୍ଖ ଚକ୍ର ଧାରୀ ।।

ସେହି କର୍ମ ଫଳ ଭୋଗୁଛ କି ତୁମ୍ଭେ
ହସ୍ତ କି ତୁମ୍ଭର ନାହିଁ
ଖଣ୍ଡିଆ ହାତକୁ ଦେଖାଅ ଜଗତେ
ଅବତାର ବୋଲି କହି ।।

କଂସ ବନ୍ଦୀଶାଳେ ନିଶାର୍ଦ୍ଧର କାଳେ
ଆପେ ହେଲ ନିଜେ ଚୋରି
ବସୁଦେବେ କହି ନନ୍ଦ ମନ୍ଦିରରେ
ଲୁଚିଲ ହେ ଦଇତାରୀ ।।

ଗୋବର୍ଦ୍ଧନ ଟେକି, କାଳିୟ ଦଳିଲ
ଇନ୍ଦ୍ର ଗରବ ଗଞ୍ଜିଲ
ଧନୁଯାତ୍ରା ଛଳେ ବ୍ରଜପୁର ଛାଡ଼ି
ମଥୁରାକୁ ପଳାଇଲ ।।

ନନ୍ଦ, ଯଶୋଦାଙ୍କୁ ଦୁଃଖ ଦେଇ ସାଥେ
ଗୋପୀ, ଗୋପାଳ କନ୍ଦାଇ
କିପରି ମୁରୁଛି ସଖା, ସହୋଦର
ରହିଲ ଯେ ଏକାହୋଇ ।।

ସେଇ ଦୋଷଫଳ ଭୋଗୁଅଛ ଏବେ
ବନ୍ଦୀ ହେଲ ଶୀଳା ଗୃହେ
ପଣ୍ଡା, ପ୍ରହରୀ, ଦିବସ ଶର୍ବରୀ ଯେ
ଜଗିଅଛି ପରା ସିଏ ।।

ପାଦ ସ୍ପର୍ଶ ଦେଇ ପାଷାଣ କୁ ତୁମ୍ଭେ
କରିଲ ସୁନ୍ଦରୀ ନାରୀ
ଦଶରଥ ସୁତ ମର୍ଯ୍ୟାଦା ପୁରୁଷ -
ରୂପେ କୋଦଣ୍ଡ ବିହାରୀ ।।

ବିନାଦୋଷେ କିବା ବଳିକୁ ଛଳିଲ
ତିନିପାଦ ଦାନ ନେଇ
ଚାପିଲ ପାତାଳେ ବଳି ରାଜନ କୁ
ଥିଲା କିବା ଦୋଷ ବହି ।।

ଲକ୍ଷ୍ମୀମାତା ତୁମ୍ଭ ପଦସେବା ନିତ୍ୟ
କରନ୍ତି ମନ ମଜ୍ଜାଇ
ଅନନ୍ତ ଶୟନେ, ମୁଦ୍ରିତ ନୟନେ
ସଦା ରହିଥାଅ ଶୋଇ ।।

ସେଇ ଦୋଷଅବା ଭୋଗୁଅଛ କିବା
ପାଦପଦ୍ମ ତୁମ୍ଭ ନାହିଁ
ବସିଛ ନିଶ୍ଚଳେ ପଥର ଦେଉଳେ
ଜଗତ ମୋହିବା ପାଇଁ ।।

ପଲକ ବିହିନ ଚକା ଆଖିରେ ଯେ
ସଦା ବସିଅଛ ଚେଇଁ
ନୀଳଗିରି ନାଥ ହୋଇ ଦାରୁଭୂତ
ଆହେ ଜଗତର ସାଇଁ ।।

ଇଉନିଟ୍ -୬,ଭୁବନେଶ୍ୱର

।। कृष्णःकर्षति आकर्षति सर्वान जीवान् इति कृष्णः
।। କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ।।

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କାହ୍ନା ରେ ...

ଅରୁଣ କୁମାର ମହାନ୍ତି

କହରେ କହ୍ନାଇ ମୋ ଆଡେ ଅନାଇ
କି ଦୋଷ କରିଛି ମୁହିଁ
କାହିଁ ପାଇଁ ଶ୍ୟାମ ଭୁଲିଲୁ ମୋ ନାମ
ଉତ୍ତର ଦେଏ ରେ ତୁହି
କାହ୍ନା ରେ..
ଉତ୍ତର ଦେଏ ରେ ତୁହି.....। (୧)

କରିବୁନି ରୋଷ ଆହେ ପୀତବାସ
ଯିବୁ ନାହିଁ ତୁହି ଚାଲି
କାନ୍ଦି କାନ୍ଦି ମୁହିଁ ଲୁହ ସରୁ ନାହିଁ
ତୋତେ ପାରୁନିରେ ଭୁଲି
କାହ୍ନା ରେ..
ପାରୁନିରେ ତୋତେ ଭୁଲି...। (୨)

କି ଗୀତ ଗାଇବି..? କା ଚିତ୍ତ ମୋହିବି..?
ବିଜନ ଏ ବୃନ୍ଦାବନେ
କି କୋଇଲି ସ୍ୱର..? କି ଯମୁନା କୂଳ...?
ବିନା ତୋ'ର ବଂଶୀ ସ୍ୱନେ
କାହ୍ନା ରେ..
ବିନା ତୋ'ର ବଂଶୀ ସ୍ୱନେ...। (୩)

କେତେ ପଚାରୁଛି ଯାହାକୁ ଦେଖୁଛି
ଦିଅ ମୋ କାହ୍ନା ଠିକଣା
କେହି ଶୁଣେ ନାହିଁ କହନ୍ତି ବାୟାଣୀ
ସହେ ମରଣ ଯନ୍ତ୍ରଣା
କାହ୍ନା ରେ..
ସହେ ମରଣ ଯନ୍ତ୍ରଣା...। (୪)

କିଏ ଜାଣେ କାହିଁ କାହ୍ନା ପାଇଁ ରାଇ
ହେଉଛି ନିଇତି ବାଇ
କାହ୍ନା ବିନା ରାଧା ଅଟେ ପରା ଅଧା
ଏ ଜୀବନେ କିଛି ନାହିଁ
କାହ୍ନା ରେ..
ଏ ଜୀବନେ କିଛି ନାହିଁ....। (୫)

କୋଳେଇ ନେ ମୋତେ ତୋ ବାହୁ ବନ୍ଧନେ
ପିଣ୍ଡେ ପସୁ ପ୍ରାଣ ମୋର
କାହିଁ ଏ ସଂସାରେ ତୋ ନାମ ଆଗରେ
ଫିକା ଷୋଳ ଉପଚାର
କାହ୍ନା ରେ..
ଫିକା ଷୋଳ ଉପଚାର.....। (୬)

ଇଶାଣ ପୁର, ଯାଜପୁର

ଦୁରଭାଷ :- ୭୭୧୫୦୮୧୩୦୮

॥ कृष्णःकर्षति आकर्षति सर्वान जीवान् इति कृष्णः

॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆହା ମୋର ପ୍ରିୟତମ ସୁନ୍ଦର ସୁନ୍ଦର..

ରମେଶ ଚନ୍ଦ୍ର ପସାଏତ୍



ଆହା ମୋର ପ୍ରିୟତମ ସୁନ୍ଦର ସୁନ୍ଦର..
ନିତ୍ୟ ଖୋଜେ ପରଶ ସେ ପ୍ରେମର ପ୍ରେମର
ପ୍ରୀତି ତାର ସ୍ମୃତି ତାର ମଧୁର ମଧୁର
ନାମ ତାର ପ୍ରେମ ତାର ପୀୟୁଷ ନିର୍ଝର....।
ଆହା ମୋର ପ୍ରିୟତମ ସୁନ୍ଦର ସୁନ୍ଦର.. (ଘୋଷା) ॥

ସଜାଡିଛି ମୋର ହୃଦ ବୃନ୍ଦାବନ
ସପ୍ତ ଚକ୍ରେ ଛନ୍ଦା ରମ୍ୟ କୁଞ୍ଜବନ
ପଚିଶ ପ୍ରକୃତି ଲତାର ବିତାନ
ଦଶ ଇନ୍ଦ୍ରିୟ ତା ସୁରଭି ପ୍ରସୂନ,
ପଞ୍ଚପ୍ରାଣେ ତୁମ ନାମ କରୁଛି କୀର୍ତ୍ତନ
ଆସ କର ରାସ , ଆତ୍ମା-ରାଧା ମୋ ଉଚ୍ଛନ୍ନ
ମନ ମଳୟ ସମୀର ବହେ ଧିର ଧିର.... ।
ଆହା ମୋର ପ୍ରିୟତମ ସୁନ୍ଦର ସୁନ୍ଦର...॥

ହେ କୃଷ୍ଣ ! ନ ଜାଣେ ପରଂହସ-ତତ୍ତ୍ୱ
ବ୍ରହ୍ମଜ୍ଞାନ ତପବିଧି ହଠଯୋଗ
ତୁହି ଏକ ବ୍ରହ୍ମ ଜାଣେନା ମୁଁ ଆନ
ନଗଣ୍ୟ ଦୀନ ମୁଁ ତୁ ମୋର ଜୀବନ,
ତୋ ଦର୍ଶନେ ଧର୍ମ କର୍ମ ତୋତେ ସମର୍ପଣ
ପ୍ରିୟ ପରମ ପୁରୁଷ କର ହେ ଗ୍ରହଣ
ତୋ ପ୍ରେମ ଭକତି ରସେ ପ୍ରାଣ ମୋ ଅଧିର
ଆନନ୍ଦ ଲହରୀ କେଡେ ମଧୁର ମଧୁର... ।
ଆହା ମୋର ପ୍ରିୟତମ ସୁନ୍ଦର ସୁନ୍ଦର.......॥

ତୋ ପ୍ରେମ ଆଶ୍ଳେଷ ଅନାବିଳ ହସ
ବାଙ୍କ-ଚହାଁଣିରେ ଝରେ ସୁଧାରସ
ତୋ ନାମ ଝଙ୍କାର ଆହେ ହୃଷିକେଶ !
ନାଶେ ସଂସାରର ହାହାକାର ବିଷ
ତୁହି ମୋର ମୁଁ ତୋହର ଅତି ଆପଣାର
ପିରତି ପୁରୁଷ ତୋର ନାହି ପଟାନ୍ତର
ଖୋଲିଛି ମନ ମନ୍ଦିର ବସ ରଙ୍ଗାଧର
ଭକ୍ତିରେ ପୂଜିବି ପଢି ମନ୍ତର ମନ୍ତର...।
ଆହା ମୋର ପ୍ରିୟତମ ସୁନ୍ଦର ସୁନ୍ଦର..॥

ନି, ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ,କଣ୍ଡେଇକେଲା ,
ଝାରସୁଗୁଡା, ମୋ :୯୭୭୭୩୯୪୫୫୮

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଲୀଳାମୟ କଳାକାହ୍ନୁ

ପ୍ରଶାନ୍ତ କୁମାର ନାଥ

କଂସ ବନ୍ଦୀ ଘରେ ଦେବକୀ କୋଳରେ
ତୁମେ ପ୍ରଭୁ ଜନମିଲ
ଯଶୋଦା ମାଆର ସ୍ନେହ ମମତାର
ତୁମେ ପୁଣି ବଡ଼ ହେଲ । ୧।

ଅଷ୍ଟମ ଗର୍ଭକୁ ନାଶ କରିବାକୁ
ଶୂନ୍ୟ ବାଣୀ ପାଇ କଂସ
ବନ୍ଦୀ କାରାଗାରେ କରି ସାରିଥିଲେ
ସବୁ ପ୍ରକାର ପ୍ରୟାସ ।୨।

ସେଦିନ ବି ଥିଲା ଅଷ୍ଟମୀର ତିଥି
ଦେବକୀ ଅଷ୍ଟମ ଗର୍ଭ
ମଥୁରା ନଗରେ ଜନମିଲ ପ୍ରଭୁ
ସାଜିଲ ସଭିଙ୍କ ଗର୍ବ । ୩।

ଆକାଶେ ବିଜୁଳି ଘନ ଘନ ମାରେ
ବର୍ଷା ପଡୁଥିଲା ଝରି
କାରାଗାରେ ଯେତେ ଜଗୁଆଳି ଥିଲେ
ନିଦ୍ରା ଦେଲ ତୁମେ ଘାରି । ୪।

ପିତା ବସୁଦେବ ଦେଖି ତୁମ ରୂପ
ହୋଇଗଲେ ଆତ୍ମହରା
ଦେବବାଣୀ ପାଇ ଗୋପ ପୁରେ ନେଇ
ଛାଡିଲେ ତୁମକୁ ପରା । ୫।

ଯମୁନା ନଈରେ ଉଚ୍ଛୁଳା ଜୁଆର
କେମିତି ହୋଇବେ ପାରି
ତୁମରି ଲୀଳାରେ କମିଗଲା ପାଣି
ଚାଲିଲେ ତୁମକୁ ଧରି । ୬।

ତୁମକୁ ବସେଇ ଶିର ପରେ ତାଙ୍କ
ନଦୀ ହୋଇଗଲେ ପାରି
ଛାଡି ଗୋପ ପୁରେ ଫେରିଥିଲେ ସିଏ
ବିଜୁଳି କନ୍ୟା ସାଥେ ଧରି । ୭।

ଯଶୋଦା କୋଳରେ ବଢୁଅଛ ବୋଲି
କଂସ ପାଇଲେ ଖବର
ତୁମେ ବିନାଶିଲ ତୁମ ମାମୁଁଙ୍କର
ସବୁ ପ୍ରେରିତ ଅସୁର ।୮।

ଅସୁର ନାଶିଲ ବାଲ୍ୟକାଳେ ତୁମେ
ସାଜିଲ ସଭିଙ୍କ ପ୍ରିୟ
ବିଶ୍ୱ ଦେଖାଇଲ ନିଜର ପାଟିରେ
ତୁମେ ପ୍ରଭୁ ଲୀଳାମୟ । ୯।

ବଇଁଶି ବଜେଇ ମନ ଚୋରି କଲ
ମାଇଁ ସଙ୍ଗେ କଲ ପ୍ରୀତି
ଯମୁନା କୂଳରେ କଦମ୍ବ ମୂଳରେ
ରହୁଥିଲ ପ୍ରେମେ ମାତି ।୧୦।

ସୁବଳ ସୁଦାମ ସାଙ୍ଗ ସାଥି ହୋଇ
ଦହି କରୁଥିଲ ଚୋରି
ଯଶୋଦା ମାଆର ଗଣ୍ଠିଧନ ତୁମେ
ନନ୍ଦରଜା ଗଳାମାଳି ।୧୧।

ଚୋରେଇ ଖାଇଲ ସର ଲବଣୀ ଯେ
ବସନ କରିଲ ଚୋରି
ଗୋପାଳୁଣୀ ପ୍ରେମେ ବାଇ ହୋଇ ତୁମେ
କୁଞ୍ଜେ କରୁଥିଲ କେଳି । ୧୨।

ଗାଈଆଳ ସାଜି ଗାଈ ଜଗୁଥିଲ
ତୁମେ ପ୍ରଭୁ କଳାକାହ୍ନୁ
ଦୁଇ ମାଆଙ୍କର ନୟନ ପିତୁଳା
ଭୁଲି ହେଉନାହିଁ ମନୁ । ୧୩।

କୃଷ୍ଣ କୃଷ୍ଣ ବୋଲି ପଡେ ଆଜି ହୁରି
ତୁମେ ପ୍ରଭୁ ଲୀଳାମୟ
ତୁମେ ଭଗବାନ ଭକତ ପ୍ରାଣର
ପୂଜୁଥିବୁ ତୁମ ପୟ । ୧୪।

ଲକ୍ଷ୍ମୀପୁରା,ବଦ୍ରାହାଲି-ସକଲବାରା ରୋଡ଼,
ଜିଗନୀ ହୋବ୍ଲି,ଅନେକଲ ତାଲୁକ,ବାଙ୍ଗାଲୋର-୫୬୦୦୨୭/ମୋ-୮୮୯୨୩୦୧୧୪

॥ कृष्णःकर्षति आकर्षति सर्वान जीवान् इति कृष्णः

॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏଇ ମୋ'ର ଶେଷ ଚିଠି

ସାବିତ୍ରୀ ପୁରୋହିତ



ପ୍ରିୟତମ !
ମୋର ଅନ୍ତରତମ !!
ତତେ ଏଇ ମୋ'ର ଶେଷ ଚିଠି ।।

ଚକ୍ରବାକ ଯେବେ
ଆକୁଳେ କାନ୍ଦିଛି
ଚକୋରୀ ମୁଁ ତୋର
ପଥ ଆପେକ୍ଷିଛି
ତୋ' ଶ୍ୟାମଳ ଦେହରେ
ଦେବି ବୋଲି ବୋଲି
କସ୍ତୁରୀ ତିଳକ ରଖିଅଛି ଗୋଳି
ପ୍ରିୟତମ....
ଅଭିସାରିକା ମୁଁ ସାଜିଛି
ସାକ୍ଷୀ ଏ ଆକାଶ ଏଇ ମାଟି ....
ତତେ ଏଇ ମୋ'ର ଶେଷ ଚିଠି ।।

କୁବୁଜା ଠାରୁ ମୁଁ
ବେଶି ଅସୁନ୍ଦରୀ
ସେଇଥିପାଇଁ କି ଗଲୁ ମତେ ଭୁଲି
ବାସର ଶେଯରେ ମଲ୍ଲୀର ଗଜରା
ହେଲା ବାସି ସତେ....
ଦେଲୁ ନାହିଁ ଧରା
ତେବେ ବି ପ୍ରେମରେ ବାତୁଳି ତୋହର
ମୁଁ କୁଳ କଳଙ୍କିନୀ ସାଜିଛି
କାଞ୍ଚଳା ଭିତରେ ମୟୂର ଚନ୍ଦ୍ରିକା
ସାଇତି ରଖିଛି....
ଦେବି ବୋଲି ତତେ ଭେଟି
ପ୍ରିୟତମ....
ତତେ ଏଇ ମୋ'ର ଶେଷ ଚିଠି ।।

ନୟନର ଲୁହ ହେଲା ମୋ' ଅସରା
ମଉଳି ଗଲା ଏ ଗଭାର ଗଜରା
ଆଖିର କଜ୍ଜ୍ୱଳ ସାଜିଛି କାଳିମା
ତତେ ଅବା ସତେ କଲା କିଏ ମନା
ତୋ' ପ୍ରାଣର ରାଧା....
ଦେଲା କି ରେ ବାଧା
ଆକୁଳେ କେତେ ମୁଁ କାନ୍ଦିଛି
ଅତୀତ ଯେତେ ମୋ' ସ୍ମୃତି ବିଗଳିତ
ଛାତିରେ ରଖିଛି ସାଉଁଟି
ପ୍ରିୟତମ....
ତତେ ଏଇ ମୋ'ର ଶେଷ ଚିଠି ।।

ପ୍ରିୟ ସଖା ମୋର
ରାଇ ର ମୋହନ
କର ମତେ ଥରେ ତୋ' ମଥା ଚନ୍ଦନ
କରି ଗୋରଚନା ଆରେ କଳା ସୁନା
ବୋଲି ନେ ' ମତେ....ନ କର ତୁ ମନା
ଜଞ୍ଜାଳର ଜାଲ ହେଲା ମତେ କାଳ
ବୁଡ଼ାଇ ମାରିଲା କୁଟୁମ୍ବଙ୍କ ଗୋଳ
ତଥାପି ତ ଧନ ଭୁଲି ନାହିଁ ତତେ
ଅଭିସାରିକା ମୁଁ ଝୁରୁଛି ଆରତେ
ନେ ' ଥରେ ତୋର ହୃଦୟ କନ୍ଦରେ
ଏ ମାୟା ବନ୍ଧନ କାଟି
ଏତିକି ରେ କଲି ଇତି....
ପ୍ରିୟତମ...
ତତେ ଏଇ ମୋ'ର ଶେଷ ଚିଠି ।।

।। ସମ୍ବଲପୁର ।।

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଥରେ ଛୁଇଁ ଯାଅ

ରଶ୍ମୀତା ଦୀକ୍ଷିତ

ମାଧବ !!!
ମାଗୁଛି ମୁଁ ସ୍ୱର୍ଶ ଟିଏ
ତୁମ ମୃଣାଳ ହସ୍ତରୁ ,
ଯେଉଁ ସ୍ୱର୍ଶେ ଫୁଟିଯାଏ
ବୈଶାଖୀ ଧରାରେ ଆଷାଢ ର ଫୁଲ
ଯେଉଁ ସ୍ୱର୍ଶେ...
ଖେଳିଯାଏ ଜ୍ୟୋତି ଧାରା
ଆକୁମାରୀ ହିମାଚଳ ,
ରୂପହୀନା କୁବୁଜାକୁ
ଯେଉଁ ସ୍ୱର୍ଶେ କଲ ଅନୁପମା ,
ଯେଉଁ ସ୍ୱର୍ଶେ ଅହଲ୍ୟାର
ପ୍ରାଣ ସଞ୍ଚରିଲା...
ମୁକ୍ତ ହେଲା ପାଷାଣ ପ୍ରତିମା ।

ସ୍ୱର୍ଶେ ତୁମ ଫୁଟି ଉଠେ
ମୁକ କଣ୍ଠେ ଭାଷା
ପଙ୍ଗୁ ଲଙ୍ଘେ ଗିରି ,
ସ୍ୱର୍ଶ ତୁମ ଭେଟି ଦେଲା
ସୁନାର ନଉକା.......
କୈବର୍ତ୍ତ ରେ ସୁଖ ଶିରୀ ।
ଏତେ ଶକ୍ତି ଅଛି
ସ୍ୱର୍ଶ ରେ ତୁମର !!!

ଧରାରେ ଖେଳୁଛି
ତୁମ ସ୍ୱର୍ଶର କାଉଁରୀ
ମୁହୂର୍ତ୍ତ କେ ସର୍ଜିପାରେ
ନିମିଷ କେ ନଷ୍ଟ କରେ
ସାଜି ପ୍ରଚଣ୍ଡ ବଇରୀ ,
ସ୍ୱର୍ଶ କରିଦିଅ ଥରେ
ଅହଂକାର ଅଜ୍ଞାନର
ତମସା ଗଭୀର ,
ଜଳି ଉଠୁ ଶାନ୍ତିର ପ୍ରଦୀପ
ମୁକ୍ତ ହେଉ ଚେତନା ମାନବର ।

ବୁଭୁକ୍ଷା , ଯାତନା , ଯନ୍ତ୍ରଣା କ୍ଲିଷ୍ଟ
ନିଷ୍ପେସିତ ମନକୁ
ସ୍ୱର୍ଶ କର ଥରେ,
ଘୁଞ୍ଚୁ ଦୁଃଖ ,ଦାରିଦ୍ର୍ୟ ପରଦା
ଖେଳୁ ସୁଖ ସମୃଦ୍ଧି ର ଧାରା
ଏଇ ପୃଥିବୀରେ ।
ସବୁରି ମନକୁ ସ୍ୱର୍ଶ କରି ତୁମେ
କରିଦିଅ ଶୁଦ୍ଧ ହୀରକ ଖଣ୍ଡ ,
ପାଷାଣ ହୃଦୟେ ହେଉ
ପ୍ରେମ ପ୍ରକଟିତ .. ..
ଜଳୁ ପ୍ରେମ ପ୍ରଦୀପ ଅଖଣ୍ଡ ।

ଅଜ୍ଞାନ ହଜିଲେ ଜ୍ଞାନ ପ୍ରକଟିବ
ପ୍ରତିମା ହେବେ ଜୀବନ୍ତ ,
କୁତ୍ସିତ କୁବୁଜା ସମ ମନର ଭାବକୁ
ତୁମ ସ୍ୱର୍ଶେ ଦିଅ ଦିବ୍ୟ ରୂପ
ସବୁ ହୃଦୟରେ ହୁଅ ମୂର୍ତ୍ତିମନ୍ତ ।

----

୪୨ ମୌଜା , କଟକ

॥ कृष्णःकर्षति आकर्षति सर्वान जीवान् इति कृष्णः

॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମନ ବୁଝିବ ସେ କଳା କହ୍ନାଇ



ଡକ୍ଟର ସଚ୍ଚିଦାନନ୍ଦ କର

ଆକାଶେ ହସୁଛି ଆଜି ପୂର୍ଣ୍ଣିମାର ଚାନ୍ଦ
ରାସ କୁଞ୍ଜେ ହସୁଛନ୍ତି ଶ୍ରୀରାଧା ଗୋବିନ୍ଦ
କୁଞ୍ଜ ପଡେ ଉଛୁଳି
କୃଷ୍ଣ କରୁଛନ୍ତି ରାସକେଳି ।। ୧ ।।

ଯୁଇ ଜାଇ ମଲ୍ଲି ମରୁଆ ମାଳତୀ
କେତେ ଜାତି ଫୁଲ ଆଣି
ପୁଞ୍ଜି ପୁଞ୍ଜି କରି କୁଞ୍ଜବନେ ଖଞ୍ଜି
କଳାକାହ୍ନୁ ମନ ଜାଣି
ନାଚ ନାଚରେ ଭାଇ
ଶ୍ରୀକୃଷ୍ଣ ନାଚିବେ ବଂଶୀ ବଜାଇ ।। ୨

ଲଳିତା ବିଶାଖା ସଖୀମାନେ ସବୁ
ଆସି ମିଳିଲେଣି କୁଞ୍ଜେ
କିଏ ସେ ଝୁଲାଏ କୁସୁମର ଦୋଳି
କିଏ କିଆ ଫୁଲ ଖଞ୍ଜେ
ଆଜି ଏ କି ଆନନ୍ଦ
ଦୋଳି ଖେଳୁଛନ୍ତି ରାଧାଗୋବିନ୍ଦ ।। ୩ ।।

ପାହିଗଲେ ଯାଉ ଏ ଚାନ୍ଦିନୀ ରାତି
ଚାଲିଥାଉ କୁଞ୍ଜେ କେଳି
ଗୋପପୁରବାସୀ ହରିବୋଲ ଦିଅ
ଗୋପାଙ୍ଗନା ହୁଳହୁଳି
ମନ ଦିଅ ଲଗାଇ
ମନ ବୁଝିବ ସେ କଳା କହ୍ନାଇ ।। ୪ ।।

" ନିର୍ମାଲ୍ୟ "
ନୂଆପଡା, ନୟାବଜାର, କଟକ – ୦୪

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତୃଣଧାରୀ ତ୍ରାଣକର୍ତ୍ତା

ତ୍ରିଲୋଚନ ପଣ୍ଡା

ଯମୁନାର ନିର୍ମଳ ନୀରରେ ବିହରି
ଗୋପାଙ୍ଗନା ଅଙ୍ଗେ ଅନନ୍ୟ ଭକତି ସଞ୍ଚାରି
ମାଟିର ମାଠିଆରୁ ଲବଣୀ ଆହରଣ ଆଳରେ
ମାଟି ମଟାଳ ମଣିଷ ଙ୍କ ହୃଦୟ କନ୍ଦରେ
ସୁପୁତ୍ର / ସୁବନ୍ଧୁ / ସୁବଲ୍ଲଭ ଭାବ
ସଞ୍ଚାର କରିବାର ଦୁର୍ଲ୍ଲଭ ଶକତି ଯାହାର,
ସିଏ ଏଇ ଧୂଳି ଧରଣୀରୁ ଜାତ
ରକ୍ତ ମାଂସଧାରୀ ପୁତ୍ର
ଦେବକୀ ନନ୍ଦନ ସକଳ ହୃଦ ଚନ୍ଦନ
ଅନନ୍ତ ସୁଖ ସାଗର ।।

ନା କୃପାଣ ନା ଧନୁର୍ବାଣ
ନା ମଥାରେ ଶିରସ୍ତ୍ରାଣ
ଜନ ଜୀବନର ମୂଳଧନ
ଗୋଧନ ସମ୍ବଳ କରି
ଗୋକୁଳ ବନଜାତ ତୃଣ ତିଆରି ବେଣୁଟିଏ ଧରି
ସାତ ସୁରେ ସୁର ନର ସର୍ପକୁଳ ବିମୋହିତ କରି
ଅସୁରଧର୍ଷିତା ଧରଣୀର ତ୍ରାଣକର୍ତ୍ତା ସାଜିବାର
ଅପାର ସାହାସ ଯାହାର,
ସେଇ ପ୍ରିୟ ଦେହଧାରୀ ନାମ
ଯଶୋଦାର ପ୍ରାଣଧନ ଶ୍ୟାମ ସୁନ୍ଦର
ନବଘନ କଳେବର ରଙ୍ଗ ଅଧର।।

ଶତ ଶତ ମାତାଙ୍କର ସ୍ୱପ୍ନର ସନ୍ତାନ
ଭ୍ରାତାଙ୍କ ଶରଧାର କାହ୍ନା, ତପୀ ତପୋଧନ
ଦୁର୍ବଳର ଅଭୟ ଦାତା ସଖାର ସାହସ
ଭଗ୍ନୀର ଶ୍ରଦ୍ଧେୟ ଭ୍ରାତା ଶତ୍ରୁ କାଳପାଶ
ପତିପଣେ ପ୍ରାଣପ୍ରିୟ ସସୀମେ ଅସୀମ
ସମର ସାଗର   ତରଙ୍ଗେ ହସ ଅନୁପମ
ଜ୍ଞାନମୟ ମଧୁମୟ ରସମୟ କୀରତି ଯାହାର,
କାଳ କାଳ ଧରି ତୃଷିତ ସମୟ ଡାକୁଥିବ
ଆସ ଆସ କାଳଜୟୀ କଳାକୃଷ୍ଣ
ଆସ ପୁନର୍ବାର।।

ଯୋଗାଯୋଗ ... ୯୪୩୯୧୯୭୫୬୦

।। कृष्णःकर्षति आकर्षति सर्वान जीवान् इति कृष्णः
।। କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ।।

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅଳପ କଥା ରେ..

ସୁଷମା ଲେଙ୍କା

ଅଳପ ହସରେ ଅଳପ କଥା ରେ
ମନ କରିନେଲ ଚୋରି
ବାଙ୍କ ଚାହାଣୀ ରେ କହୁଥିଲ କଥା
ସତେ କି ବୁଝିଲା ପରି ।... (୦)

ମନ ଗହନ ର କୋରା କାଗଜ ରେ
ତୁମ ନାମ ଲେଖିଦେଲି
ଭାବିଲି ସେଦିନ କହିଦେବି ଖୋଲି
ତୁମକୁ ଭଲ ପାଏ ବୋଲି
ହେ ମାଧବ ଜାଣି ପାର ବୋଲି
ନକହି ମୁଁ ଗଲି ଫେରି।.....(. ୧)

ବନ ଉପବନେ ପ୍ରକୃତି କୋଳରେ
ମୋ ମନ ମନ୍ଦିରେ ତୁମେ
ମୋର ସପନରେ ଚିନ୍ତା ଚେତନା ରେ
ତୁମେ ପ୍ରଭୁ ଭାବଗ୍ରାହୀ
ନୟନେ ଦେଖିଲି ତୁମ ବିଶ୍ୱରୂପ
ହୃଦ ଗଲା ମୋର ଭରି..... (୨)

ତୁମ ରୂପ ଦେଖି ତୁଟିଗଲା ମୋହ
ଦୁଃଖ ହୋଇଗଲା ଦୂର
ସବୁତ ତୁମର କିଛି ନୁହେଁ ମୋର
ତୁମେ ଭାବର ଠାକୁର
ସଂସାର ବନ୍ଧନୁ ଦିଅ ହେ ମୁକତି
ଏତିକି କରେ ଗୁହାରି....(୩)

ଖଣ୍ଡଗିରି ବିହାର,
କୋଲଥିଆ, ଭୁବନେଶ୍ୱର

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ ବନ୍ଧୁ !

ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା



ଆଦ୍ୟ 'ଓଁ ' କାରର ତୁମେ ଚନ୍ଦ୍ରବିନ୍ଦୁ ,
ସାଗର ବୁକୁରେ ଶାମୁକା ଗର୍ଭରେ
ସ୍ୱାତୀ ନକ୍ଷତ୍ରେ ଆକାଶୁ ପତିତ
ସ୍ୱଚ୍ଛ ଜଳର ବିନ୍ଦୁ ...
ବିଶ୍ୱନିଅନ୍ତା ହେ ,
ତୁମେ ହିଁ ସର୍ଜନାର କେନ୍ଦ୍ରବିନ୍ଦୁ । ୧ ।

ସୂଚ୍ୟଭେଦ୍ୟ ଘନ ଅନ୍ଧକାର ର
କଣ୍ଟକମୟ ପଥେ
ଆଶା ଆଲୋକର ବିନ୍ଦୁ ,
ଦୁଃଖେ ଦୁର୍ବିପାକେ, ବିପଦେ ,ବିଷାଦେ
ପରମାନନ୍ଦ ହେ ,
ତୁମେ ବିଶ୍ୱାସ ର ସିନ୍ଧୁ । ୨ ।

ବ୍ରଜବନ୍ଧୁ ତୁମେ ଗୋପ ବାସୀଙ୍କ ବନ୍ଧୁ ,
ଦାମ ,ସୁବଳ ,ମଧୁମଙ୍ଗଳ,
ସୁଦାମର ପ୍ରିୟ ବନ୍ଧୁ ,
ଅନାଥର ବନ୍ଧୁ ,
ଜଗତ ବନ୍ଧୁ ହେ
ପ୍ରାଣ ବନ୍ଧୁ ତୁମେ ,ବନ୍ଧୁର ପଥର ବନ୍ଧୁ । ୩ ।

ଯଶୋଦା ନନ୍ଦନ ହେ ନନ୍ଦ ନନ୍ଦନ
ହେ ଅସୁର ବିକନ୍ଦନ ,
ଆହେ ଯୋଗେଶ୍ୱର ,ଲୋକ ମହେଶ୍ୱର
ଅଖିଳେଶ୍ୱର ହେ ,
ସମସ୍ତ ଯୋଗର ବିନ୍ଦୁ ,ସର୍ବଜନେଶ୍ୱର ,
ତୁମେ ହିଁ ନିଖିଳ ର ପ୍ରାଣବିନ୍ଦୁ । ୪ ।

ହେ ବ୍ରଜ ବଲ୍ଲଭ ,ରାଧିକା ବଲ୍ଲଭ ,
ରୁକ୍ମିଣୀ ବଲ୍ଲଭ ,ଗୋପୀ ବଲ୍ଲଭ ,ହେ ବନ୍ଧୁ ,
ବନ୍ଧୁ ମହାନ୍ତିର ବନ୍ଧୁ ହେ ତୁମେ
ଦାସିଆ ବାଉରୀ ,ଭକ୍ତ ସାଲେବେଗ ବନ୍ଧୁ
ସାରା ଜଗତର ବନ୍ଧୁ ହେ ତୁମେ
ଆନନ୍ଦ ସୁଖ ସିନ୍ଧୁ । ୫ ।

ହେ ଗୀତା ଗାୟକ ,ଲୋକ ନାୟକ ହେ
ସର୍ବ ସୁଖଦାୟକ ବନ୍ଧୁ ,
ମୁରଲୀଧାରୀ, ଶ୍ରୀଗୋବର୍ଦ୍ଧନ- ଗିରିଧାରୀ
ଚକ୍ରଧାରୀ- କୃପାସିନ୍ଧୁ ,
ମରଣ କାଳରେ ,ବକ୍ର ନୟନେ ଚାହିଁବ କି ଥରେ
ଦେବେ କି ହେ ତୁମ ଆଶିଷ କରୁଣା ବିନ୍ଦୁ ?

ଗହଗା ନରସିଂହ ପୁର ,

କେନ୍ଦ୍ରାପଡା, ଓଡିଶା

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବେଣୁ ଗୀତ

ରାଜଲକ୍ଷ୍ମୀ ତ୍ରିପାଠୀ

ଏକ ସମ୍ମୋହନ
ସେଇ ବେଣୁ ଗୀତ
ଶୁଣିଥିଲେ ଗୋପାଙ୍ଗନା
ଅପରୂପ ନିଶବ୍ଦ ର ସ୍ୱର
ପୂର୍ଣ୍ଣଗର୍ଭ ନିରବତା
ଯମୁନା କୂଳରେ ।
ପ୍ରଶ୍ୱାସ ରେ ଅନୁଭବି
ନୀଳ ମଳୟର ସମୀରଣ
ହଜାଇଲେ ଦେହବୋଧ
ସେ ଲଳିତ ଧ୍ୱନି ରେ ।

ମୋହନ ହେ,
ମଥୁରା ର ମୁକ୍ତିଦାତା ତୁମେ
ଅନନ୍ୟ ନିୟନ୍ତା ମହାସମର ର,
ତୁମ ନାମ ମହିମା ରେ
ଦୁଃଖୀଜନ ଉଲ୍ଲସିତ
ଅନ୍ଧ ହୁଏ ଚକ୍ଷୁଷ୍ମାନ
ଦୁଷ୍ଟ ବି ବଦଳେ
ପ୍ରେମମୟ ସାଧୁରେ।

ଆଜି କେଉଁ ଅରଣ୍ୟରେ
ଶୀତଳ ସେ ତରୁଛାୟା ତଳେ
ଗୋପନେ ରହିଛ ତୁମେ
ହୋଇ ଅବା ତନ୍ଦ୍ରାତୁର,
ଶୁଭେନାହିଁ ବେଣୁଗୀତ ଆଉ
ଝୁରେ ତାକୁ ଜନ, ଜନପଦ ।
ବାସ୍ନାୟିତ କରିଦିଅ ତାକୁ
ତୁମ ସମୁଚ୍ଚ ମହିମା ର ସୁରଭି ରେ,
ଥରେ ହେଲେ ଶୁଣିବାକୁ ଦିଅ
ତୁମର ସେ ମନମୋହକ ବେଣୁଗୀତ,
ଏ ବଦ୍ଧଜୀବ ବୁଝିଯାଉ
ପଥ ଟି ତା'ଗତି ଓ ମୁକ୍ତି ର ।

- ପୁରୀ ,ଓଡିଶା

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ କୃଷ୍ଣ !

ଶ୍ରୀ ଡମ୍ବରୁଧର ବାଗ

ଅମୃତ ସହରେ ପୁତନା ମାତିଛି
ନାଶୁଛି ସନ୍ତାନ ଦେଇ ଜହର ।
କେବେ ତୁମେ ତାକୁ ସତରେ ନାଶିବ
କୁହ ପ୍ରଭୁ ଆହେ ଶ୍ୟାମ ସୁନ୍ଦର ।।

ଅମୃତ ସହରେ କାଳିଆ ଦଳନ
ସର୍ପ ବିଷ ଧର ଘୁରି ବୁଲୁଛି ।
ସତ୍ୟ ପଥେ ଯିଏ ପାଦ ଥାପିଥାଏ
ତାକୁ ସର୍ପ କିଆଁ ଚୋଟ ମାରୁଛି ।।

ଦେଖ ପ୍ରଭୁ ତୁମେ ଦେଖିଯାଅ ଆସି
ରାକ୍ଷସୀ ପୁତନା ସର୍ପ କାଳିଆ ।
ଯେତିକି କରିବ ବିଳମ୍ବ ହେ ପ୍ରଭୁ
ଭୟଙ୍କର ହେବ ତାଙ୍କ ମସିଆ ।।

ବକାସୁର ଭଳି କେତେ ଯେ ରାକ୍ଷସ
ପୁରି ରହିଛନ୍ତି ଏହି ସହରେ ।
ଗିଳି ସେ ଦିଅନ୍ତି ଯାହାକୁ ଦେଖିଲେ
ବିଚାରନ୍ତି ନାହିଁ ଭଲ ମନ୍ଦରେ ।।

ଅଧର୍ମ କୁ ନାଶି ଧର୍ମ କୁ ସ୍ଥାପନ
କରିଆସୁଅଛ ପ୍ରତି ଯୁଗରେ ।
ହେ କୃଷ୍ଣ ମୁରାରୀ ଦେବକୀ ନନ୍ଦନ
କୁହ କାହିଁ ବସିଅଛ ଠାକୁରେ ।।

ପାପର ଭାର ଯେ ବଢି ଅସମ୍ଭାଳ
ବନ୍ୟା ପାଣି ଭଳି କୂଳ ଲଙ୍ଘୁଛି ।
ବେଳ ଥାଇ ଯଦି ବନ୍ଧ ନ ବାନ୍ଧିବେ
ଅଧର୍ମ ଗ୍ରାସିବା ଶଙ୍କା ରହୁଛି ।।

ଉଚିତ ସମୟେ ଧରା ଅବତରି
ନାଶି ଯାଅ ଯେତେ ଛନ୍ତି ରାକ୍ଷସ।
ନୀରିହ ନିଷ୍ପାପ ବଞ୍ଚି ଥାଉ ସୁଖେ
ଢାଳି ଦିଅ ମନେ ଧୈର୍ଯ୍ୟ ସାହସ ।।

ଅଜାଡି ଦିଅ ହେ ଶତ ସିଂହବଳ
ଜ୍ଞାନର ଆଲୋକ ଦିଅ ଜଳାଇ ।
ଦୁଃଖକୁ ତାହାର କରି ପ୍ରଶମନ
ଅମୃତ ଟୋପାଏ ଦିଅ ଝରାଇ ।।

ଯେତେ ପାପ ଭାର ଧରା ବକ୍ଷେ ଅଛି
ଯେତେ ଶୀଘ୍ର ତାକୁ ଦିଅ ଏଡାଇ।
ପୁଣ୍ୟ ବାରି-ଧାରା ବରଷା କରାଇ
ସଭିଙ୍କ ମନକୁ ଦିଅ ଭିଜାଇ ।।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ କୃଷ୍ଣ !

କନକ ଲତା ଦାଶ୍

ହାତ ରେ ମୋହନ ବଂଶୀ
ଶିରେ ଶିଖିପୁଚ୍ଛ
ତ୍ରିଭଙ୍ଗୀ ଠାଣି ରେ ଉଭା
ଦିଶେ କେଡେ ମନ ଲୋଭା
କି ଅବା ଉପମା ଦେବି
ଲାଗେ ସବୁ ତୁଚ୍ଛ।

କିଏ କହେ ଶ୍ୟାମ ତୁମେ
କିଏ ଘନଶ୍ୟାମ
କିଏ କହେ ରାଧା କାନ୍ତ
ହେ ମନ ମୋହନ।
ଯଶୋଦା ନନ୍ଦନ ବୋଲି
ଜଗତ ଯେ କହେ
ଗୋକୁଳ ଚନ୍ଦ୍ରମା ସେତ
କୋଟି ମନ ମୋହେ
କେମିତି ରଚିବି କୁହ
ତୁମ ପାଇଁ ଗୀତ ?

ଅରୂପ ରୁ ରୂପ ତୁମେ
ରୂପ ରୁ ଅରୂପ
ସର୍ବବ୍ୟାପୀ ସର୍ବେଶ୍ୱର
ହର ସର୍ବ ଦୁଃଖ
ପୁଜିବାକୁ ଚାହିଁଲେ ବି
ନାହିଁ ଉପଚାର,
କେମିତି ପୂଜିବି କୁହ
ହେ ଲବଣି ଚୋର?

ତୁମେ ଋଦ୍ଧି ତୁମେ ସିଦ୍ଧି
ତୁମେ ହିଁ ଲାବଣ୍ୟନିଧି
ଆଧି ବ୍ୟାଧି ଦୂର କରି
ତୁମେ ହିଁ କରାଅ ପାର
ଏହି ସଂସାର ବାରିଧି
ସମର୍ପିତ ପାଦେ ତୁମ
ହୃଦୟ ମୋହର।

-------------- କଟକ

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କୃଷ୍ଣ ଜନ୍ମ

ଡ଼. ଆଲୋକ କୁମାର ରାୟ



ସଚରାଚର କୃଷ୍ଣମୟ !
ପ୍ରେମର ଦିହୁଡ଼ି ଜଳୁଛି
ନାଶିବାକୁ ଅମା ଅନ୍ଧକାର ।

କିଟିମିଟି ଅନ୍ଧାର ରାତିର ବକ୍ଷ୍ୟ ଚିରି
ଶତଶିଖା ମେଲୁଛି ଆଶାର ଦୀପ
ଭାଙ୍ଗିବାକୁ ବହଳ ଅହଂକାର ।

ଅଲୌକିକତାର ସଂକ୍ରମଣ ନିରେଖି
ହତୋତ୍ସାହିତ ଆସୁରିକ ତନ୍ତ୍ର ମନ୍ତ୍ର ବଳ
ପଟ୍ଟ ପରିବର୍ତ୍ତନ ଦିଶୁଛି ସତ୍ୱର ।

ବନ୍ଦୀ ଗୃହରେ ଝଡ ପୂର୍ବ ନିରବତା
ରାତ୍ରିର କବରୀରେ ଚିକମିକ ତାରାଫୁଲ ଦେଖି
ସ୍ଥାବର ଜଙ୍ଗମ ବିଭୋର ।

ଜନ୍ମ ମୁହୂର୍ତ୍ତର ଅପୂର୍ବ ପ୍ରକାଶ
ଜୀବଜଗତ ମଧ୍ୟେ ଖେଳାଏ ଅହର୍ନିଶ ଶିହରଣ
ଦର୍ଶନାର୍ଥେ ସଭିଏଁ ତତ୍ପର ।

ଯମୁନାର ଉତ୍ତାଳ ତରଙ୍ଗ
ନୀଳ ଜଳରାଶି କଡ ଲେଉଟାଏ ହୋଇଣ ଅସ୍ଥିର
ପ୍ରବେଶିବେ କୃଷ୍ଣ ନହୁଅ ଅଧିର ।

ଅନ୍ଧାର ଲାଜ ତେଜି ଧାଅଇଁ ସିନା
ମୃତ୍ୟୁ ଭୟ ଶୋଷିନିଏ ଦେହରୁ ପଳ ପଳ ରୁଧିର
ବସୁଦେବ କିନ୍ତୁ ନୁହଁନ୍ତି କାତର ।

ଘନଘୋର ବରଷା କାଳ
ଶୃତିକଟୁ ଚପଳା ସଞ୍ଚରେ ଭୀତିର ଚହଳ
ପ୍ରକୃତିର ପରିଭାଷା ଅତ୍ୟନ୍ତ ନିଷ୍ଠୁର ।

କାଳ ନିଦ୍ରାର କବଳେ ମଥୁରା ନଗର
ମୁକୁଳା ବନ୍ଦୀଗୃହ କୃଷ୍ଣ ଆଗମନେ ସ୍ୱାଗତିକ ଗାଏ
ଏଣେ ହାତ ଠାରି ଡାକେ ଗୋପପୁର ।

। ଯାଜପୁର ।

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସୃଜନୀ ପରିବାର (ଚେନ୍ନାଇ)

ତୁ ମୋ ଏକାନ୍ତ ଆପଣାର..

ପଦ୍ମିନୀ ଦାଶ ମହାପାତ୍ର

ସେ ପ୍ରିୟତମ ଜଣେ ଅଛି ମୋ'ର
ଏକାନ୍ତ ଆପଣାର...
କେତେ କାଳୁ ସିଏ ମୋ ସପନେ ଅଛି
ହାତ ଠାରି ଡାକେ ବାର ବାର ।

ତା ମୁରୁକି ହସ ଦେଖି ଭୁଲିଯାଏ
ସବୁ ସୁଖ ଦୁଃଖ ଦୁନିଆଁ ର...।।

ସିଏ ମୋ ଭବିଷ୍ୟ ସିଏ ବର୍ତ୍ତମାନ
ଚିର ସୁନ୍ଦର ମୋ ପ୍ରିୟତମ
ଭାବ ବିନୋଦିଆ ଘନ ଶ୍ୟାମଳିଆ
ନୀଳ ରତନ ମୋ ପ୍ରାଣ ଧନ ।

ଜଗତ ମୋହନ ସର୍ବ ଆକର୍ଷଣ
ଲଳିତ ମଧୁର ରୂପ ତାର .. ।।

ତା ନାମ ସ୍ମରଣେ ଚନ୍ଦନ କସ୍ତୁରୀ
ମୋ ଭିତରେ ନିତି ବାସେ
କାହିଁ କେତେ ଦିନୁ ତା ପ୍ରେମରେ ବନ୍ଧା
ଜନ୍ମ ଜନ୍ମାନ୍ତର ପ୍ରେମ ରସେ ।

କିଛି ଲୋଡା ନାହିଁ ସୁଯଶ ସମ୍ପତ୍ତି
ତାର ହସ ମୁଖ ଇଚ୍ଛା ମୋର....।।

ହେ ସତ୍ୟ ସୁନ୍ଦର ଅଚ୍ୟୁତାନନ୍ଦ ହେ
ଅନାଦି ଅନନ୍ତ ହରି
ତୋହରି ସେବାରେ ତୋହରି କାମରେ
ମନ ରହିଥାଉ ଭରି..

ତୋ ରୂପ ଦର୍ଶନେ ତୋ ନାମ କୀର୍ତ୍ତନେ
ଶେଷ ହେଉ ଏ ଆୟୁଷ ମୋର.. ।।

ଦେବଗଡ ,ଗୁରୁସାହି
ମୋ : ୭୩୮ ୧୪୭୫୩୪୦

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ ବଂଶୀବାଦକ

ହେମାଙ୍ଗିନୀ ଦାଶ

ମୋହନ ବଂଶୀର ପହିଲି ରନ୍ଧ୍ରରୁ
ମୃଦୁ ସୁର ଦେଲେ ତୋଳି
ଶୁଷ୍କ ତୃଣରାଜି ଉଠନ୍ତି ପଲ୍ଲ ବୀ
ସବୁଜିମା ଯାଏ ଖେଳି । ୧ ।

ଦ୍ୱିତୀୟ ରନ୍ଧ୍ରର କାନ୍ତକୋମଳ
ସୁର ଶୁଣି ଅନୁରାଗେ
ଅଜଣା ପୁଲକେ କଦମ୍ବ ବିକଶେ
ପ୍ରାଣେ ଶିହରଣ ଜାଗେ । ୨ ।

ତୃତୀୟ ରନ୍ଧ୍ରର ମୂର୍ଚ୍ଛନା ମଧୁର
ଶ୍ରବଣରେ ବୃଦ୍ଧ ବୃଦ୍ଧା
ଅପୂର୍ବ ମାୟାରେ କାୟା ପରିହରି
ସହସା ହୁଅନ୍ତି ଯୁବା ! । ୩ ।

ଚତୁର୍ଥ ରନ୍ଧ୍ରର ମହିମା ଅପାର
ସୁରେ ଯା ମଳୟ ବହେ
ରଙ୍ଗର ହୋଳିରେ ପ୍ରୀତିର ଦୋଳିରେ
ଅଦିନେ ବସନ୍ତ ଶୋହେ । ୪ ।

ଶାନ୍ତ ସ୍ନିଗ୍ଧ ସୁର ପଞ୍ଚମ ରନ୍ଧ୍ରର
ଡାକେ ଧରି ଗୋପୀ ନାମ
ଏକଇ ପ୍ରେମିକ ଷୋଳ ସହସ୍ରଙ୍କ
ଦୋହଲାଇ ଦିଏ ପ୍ରାଣ ! । ୫ ।

ଷଷ୍ଠ ରନ୍ଧ୍ରର ଲଳିତ ମଧୁର
ସ୍ୱର ଶୁଣି ପ୍ରେମେ ରାଧା
ଆବେଗରେ ଧାଏଁ ବାତୁଳି ପରାୟେ
ତେଜି ବନ୍ଧନ ବାଧା । ୬ ।

ଆହା ! କେଉଁ ସ୍ୱର ସପ୍ତମ ରନ୍ଧ୍ରର
ତୁମକୁ ବି ଅଗୋଚର
ଶ୍ରବଣେ ଯେ ନାଦ ଆନନ୍ଦେ ମୋହିତ
ସର୍ବ ବିଶ୍ୱ ଚରାଚର । ୭ ।

। ଡୁଙ୍ଗୁରିପାଲି ,ସୁବର୍ଣ୍ଣପୁର ,ଓଡିଶା ।

ହେ କେଶବ !

ଡ. ସଂଯୁକ୍ତା ହୋତା

ହେ କେଶବ !
ତୁମେ ନିର୍ବାଣ ପୁରୁଷ
ମୁଁ ଯେ ଅଭିଶପ୍ତା କୁବୁଜା .।

କଳଙ୍କ ହୀନ ଚନ୍ଦ୍ରମା ତୁମେ
ମୁଁ ଯେ କଳଙ୍କିନୀ ରାଧିକା ।

ସ୍ପର୍ଶ ତୁମ ଆମନ୍ତ୍ରଣ ମୋକ୍ଷ ର
ତିତିକ୍ଷା ର ଅନ୍ତହୀନ ସ୍ୱର
ବିଶ୍ୱର ସର୍ବ ସମ୍ଭାର ତୁମେ...
ମୁଁ ଯେ ନିତ୍ୟ ପ୍ରତିକ୍ଷିତ ସଜ ତୁଳସୀ ।

ନୀଳସାଗର ଅନ୍ତହୀନ ଉଚ୍ଚାରଣ ତୁମେ ,
ମୁଁ ତ କଳଙ୍କର ଭିନ୍ନ ଉଚ୍ଚାଟନ ।
ତୁମେ ନୀଳ ଜୀମୂତର ମେଘମଲ୍ଲାର,
ମୁଁ ଯେ ଭିଜା ମାଟିର ଟୋପାଏ କାକର ।
ତୁମେ ଅର୍ବାଚୀନ ଜ୍ୟୋତିର ଝଲକ
ମୁଁ ଯେ ଟିକି ଦୀପ ଶିଖା ।
କୁଜ୍ଝଟିକା ତୁମେ ଘନ ଆକାଶର ,
ମୁଁ ଯେ ମୃତ୍ୟୁର ଖଦ୍ୟୋତିକା ।
ତୁମେ ଅଶାନ୍ତ ପ୍ରାଣର ଶାନ୍ତି ନିର୍ଝର,
ମୁଁ ଯେ ଶ୍ରମ ହୀନ ପିପିଲିକା ।

ରାତ୍ରୀର ନୀଳ ଆକାଶର ତୁମେ
ଜ୍ୟୋସ୍ନାର ଇଂଗିତ,
ମୁଁ ଯେ ଯମୁନାର ଢେଉ ।

ତୁମେ ଶବ୍ଦମୟ ପୃଥିବୀର
ଓଁ କାର ଧ୍ୱନି ,
ମୁଁ ତ ଶବ୍ଦହୀନ ମାଟିର ମଣିଷ ।

ହେ କେଶବ !
ଖିନ୍ନ ଜୀବନର ମୋହ
ତୁଟି ଯାଉ ଅନ୍ତରୀକ୍ଷ ବାସ୍ନା,
ମୃତ୍ୟୁ ପଥେ ହୁଏ ମୁହିଁ ଯାତ୍ରୀ
ତୁମ ନାମ ତୁଣ୍ଡରେ ସୁମରି ସୁମରି ।

....

ଅଧ୍ୟାପିକା (ଓଡିଆ)
କୁମ୍ଭାର ବନ୍ଧ ମହାବିଦ୍ୟାଳୟ, ଝାରସୁଗୁଡା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନୀଳ କୃଷ୍ଣ .. ନୀଳ ନୀଳାମ୍ବର

ପ୍ରଭାତ କୁମାର ନାୟକ

ଆକାଶର ଆକାରକୁ କଳି ହୁଏ ନାହିଁ ବୋଲି
ତେଣୁ ରୂପ ନୀଳ ରଙ୍ଗ ତା'ର ,
ଅନେକ ଆକାଶ ,ବିଶ୍ୱ ତୁମରି ହିଁ ସୃଷ୍ଟି ବିଭୁ ,
ସେ ଲାଗି ତୁମରି ରୂପ ନୀଳ ନୀଳିମାର ।

ଆହେ ଅପରୂପ ସ୍ରଷ୍ଟା ତୁମ ସୃଷ୍ଟି ରକ୍ଷା ପାଇଁ
ନେଇ ଅଛ କେତେ ଅବତାର ,
ତବ ରୂପରେଖ ଆହା ଗଣନା ଭୁଲନ୍ତି ବ୍ରହ୍ମା
ଅରୂପ ସ୍ୱରୂପ ରୂପ ନୀଳ ନିରାକାର ।

ତବ କଥା ତବ ଗାଥା ଅନନ୍ତ ଅସୀମ ପ୍ରଭୁ
ବାକି ସବୁ କଥା ନୁହେଁ ବ୍ୟଥା, ଏହି ଦୁନିଆର ,
ତୁମ ପ୍ରୀତି ତୁମ କୃତି ନୀଳ ସିନ୍ଧୁ ନିର ସମ
ତୁମ ଗୀତି ନୀଳ ମଧୁ ବଇଁଶୀର ସ୍ୱର ..।

ତୁମକୁ କଳିବା ପାଇଁ ଭାବନା ହୁଅଇ ଶେଷ
ତେଣୁ ତୁମେ ଭାବାତୀତ , ଗୁଣାତୀତ ସକଳ ଗୁଣର ,
ଭାବନା ସାଗରେ ହଜି ଶିଳ୍ପୀ ଆଙ୍କେ ତୁମ ଛବି
ରୂପ ତୁମ ନୀଳ କୃଷ୍ଣ , ନୀଳ ନୀଳାମ୍ବର ..।

ଅନନ୍ତ ମହିମା ତୁମ କେମିତି ବୁଝିବ ଆହା
ଦୁଷ୍ଟ କଂସ ରାଜା ମୂଢ ଦୁର୍ଯ୍ୟୋଧନ ଛାର,
ଦମ୍ଭ ଅହଙ୍କାର ବଳେ ହୀନ ମନ ଭୁଲିଯାଏ
ତୁମେ ହିଁ ତ ନୀଳ ବ୍ରହ୍ମ ନୀଳ ମାୟାଧର ..।

ଯେ ରଙ୍ଗା ପୟର ନିତି ପୂଜନ୍ତି ହର ବ୍ରହ୍ମାଦି
ଯେ ଚରଣ ରେଣୁ ପାଇଁ ଝୁରେ ଯୋଗୀ ମନ ,
ନୀଳନିଧି ଦୟା କର ନୀଳ କୃପା ବୃଷ୍ଟି କର
ସେ ନୀଳପଦ୍ମ ପାଦରେ ରହୁ ମୋର ଧ୍ୟାନ ।

। ମଧୁପୁର , ଭଦ୍ରକ ,ଓଡିଶା ।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ କୃଷ୍ଣ!

ବୀଣାପାଣି ରାଏଗୁରୁ

ହେ କୃଷ୍ଣ !
ହେଏ କୃଷ୍ଣ !! ହେ ଯଶୋଦା ଧନ !!
ଶୁଭୁନାହିଁ ଆଉ କାହିଁ ସେ ବଂଶୀ ର ସ୍ୱନ
ଖାଲି ଖାଲି ଲାଗେ ଆଜି ଗୋପ ବୃନ୍ଦାବନ,

ରାଧା ନାହିଁ ,ନାହିଁ ବୃନ୍ଦା
ନାହାନ୍ତି ଗୋପୀଏ
ଗୋକୁଳ ଆକାଶେ ଜହ୍ନ
କାନ୍ଦେ ହାଏ ହାଏ
କାନ୍ଦେ ବୃଦ୍ଧାଶ୍ରମେ ଆଜି ସେ ଯଶୋଦା ମାଆ
ଲୋଟିଯାଏ ଭୂତଳ ରେ ଦୁଃଖେ କୁଞ୍ଜବନ ।।

କେଡେ ଦଗାଦିଆ ତୁମେ
କେଡେ ହେ ନିଷ୍ଠୁର
ପ୍ରେମ ବାତ୍ସଲ୍ୟ କୁ ନିନ୍ଦି
ସୁଖରେ ବିହର
ଗଲ କେଉଁଆଡ଼େ ଚାଲି ଭୁଲି ଆପଣାଙ୍କୁ
ଏଡିକି ନିନ୍ଦୁକ ହେଲ ହାରିଲ ଇମାନ୍ ।।

ହସୁ ବୃନ୍ଦାବନ ଆସ
ଫେରିଆସ କୃଷ୍ଣ !
ଜୀଇଁ ଉଠୁ ନେତ୍ରଭରି
ଯଶୋଦାଙ୍କ ସ୍ୱପ୍ନ
ପାଉ ଜୀବନ୍ୟାସ ପ୍ରେମ ବାତ୍ସଲ୍ୟ ସହିତେ
ଶୁଭୁ ପୁଣି ବଂଶୀ ସ୍ୱନ ।।

ଯାଇଛି ତ ବିତି ଯାଉ
ସେ ତପ୍ତ ଅତୀତ
ଆଉ ନ ଫେରୁ ନ ଫେରୁ
ତାକୁ ଦଣ୍ଡବତ,
ଆବୋରି ବର୍ତ୍ତମାନକୁ କର ହେ ସ୍ୱାଗତ
ଶାନ୍ତି ପାଉ ଏ ଜୀବନ
ହେ ଯଶୋଦା ଜୀବନ!
ରାଧା ପ୍ରାଣଧନ,
ଗୋପୀଙ୍କ ଜୀବନ!

ତରିତୋ, କିଶୋର ନଗର, କଟକ

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ପ୍ରେମ ସମ୍ମୋହନ

ତାପ୍ତିମୟୀ ପଣ୍ଡା ମିଶ୍ର

ପ୍ରୀତିର ପରଶ ମଧୁର ମୂର୍ଚ୍ଛନା
ଗୁଞ୍ଜରିତ ତନୁ ମନେ
ଶ୍ୟାମ ବିନା ରାଧା ବଞ୍ଚି ତ ପାରେନା
ଝୁରେ ତାକୁ ପ୍ରତିକ୍ଷଣେ ।

ବାକ୍ ହୀନ ଆଜି ହୃଦୟ ସ୍ପନ୍ଦନ
ବୀଣାର ଝଙ୍କାର ତାଳେ
ଜହ୍ନର ଶୀତଳ ଜ୍ୟୋତ୍ସ୍ନାର ମଳୟ
ତନୁ ମନେ ନିତି ଖେଳେ ।

ବିରହିଣୀ ରାଧା ବିରହ ଜ୍ୱାଳାରେ
ଜଳି ଜଳି ମରେ ସିଏ
ହା କୃଷ୍ଣ ହା କୃଷ୍ଣ ବୋଲେ ତା' ପରାଣ
ଆଖି ବୁଜି ହଜି ଯାଏ ।

କୃଷ୍ଣ ପ୍ରେମେ ପଡି ଯାଇଅଛି ମଜ୍ଜି
ନିଜକୁ ଯାଇଛି ଭୁଲି
ସପନ କୋଳରେ ଭେଟେ ସିଏ ନିତି
କଳାକୃଷ୍ଣ ବନମାଳି ।

ଆ କହ୍ନାଇ ଡାକେ ମନ ବୃନ୍ଦାବନ
ଖେଳିବାରେ ରାସ କେଳି
ଗୋପୀ ଗୋପାଙ୍ଗନା ହୃଦୟ ଯମୁନା
ପ୍ରୀତିର ପସରା ମେଲି ।

ପ୍ରେମ ଆଲିଙ୍ଗନେ ବିଦଗ୍ଧ ଜୀବନ
ଶୀତଳ ହେବ ଟି ଜାଣ
ହୃଦୟେ ହୃଦକୁ ଛନ୍ଦି ଦେଇ ପୁଣି
ମନର ଭାଷାକୁ ଶୁଣ ।

ମେଲଛାମୁଣ୍ଡା , ବରଗଡ

॥ कृष्णःकर्षति आकर्षति सर्वान जीवान् इति कृष्णः

॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ପ୍ରିୟତମ କୃଷ୍ଣ

ସନ୍ଧ୍ୟାରାଣୀ ପରିଜା

ଚୁଆ ଚନ୍ଦନରେ ଧୋଇଦେବି ଦେହ
ସଜ ଗୋବରରେ ଲିପିଛି ଘର
ହୃଦୟେ ଭରିଛି ଅସୁମାରୀ କୋହ
ଅପେକ୍ଷା ରଖିଛି ପାଦପଦ୍ମର ।

ଲକ୍ଷେ ପାରିଜାତ ସଜାଇଛି କକ୍ଷେ
ମୁକୁଳା କରିଛି ମନ ଅଗଣା
କୁଞ୍ଚିତ କପାଳେ ଗବାକ୍ଷରେ ଚାହେଁ
ହଜେଇ ଦେଲେ କି ମୋର ଠିକଣା ।

ପ୍ରିୟତମ ପାଇଁ ଉଚ୍ଚାଟିତ ମନ
ବଢୁଥାଏ ସେଠି ଭକ୍ତି ବିଶ୍ୱାସ
ଆସି ପହଞ୍ଚିବ ସୋହାଗେ ଭରିବ
ଜୀବନ ପାତ୍ରର କ୍ଷୁଧା ପୀୟୂଷ ।

ଦେହକୁ କରିଛି ନିତ୍ୟ ବୃନ୍ଦାବନ
କଦମ୍ବର ବନେ ଫୁଟାଇ ଫୁଲ
ଶ୍ୟାମ ନାମାବଳୀ ଅଙ୍ଗରେ ବୋଳିଛି
ଭରିଛି ନୟନେ ଆଶା କଜ୍ଜଳ ।

ଥାପିବାକୁ ପାଦ ହୃଦୟ ସାଇତି
ଅତି ଯତନ ରେ ସୋହାଗ ବହି
ପୁଣ୍ୟ ଧାମରେ ପଲ୍ଲୀ ସଜାଡିଛି
ଭୁଲିଗଲ କିବା ଏ ପ୍ରାଣସହୀ ।

ରାଧା ମୀରା ମତେ ନ କଲେ ନାହିଁ ଗୋ
ସେ ମାଟି ବୈକୁଣ୍ଠେ କରିବ ରଜ
ଗୋପୀ ଗୋପାଙ୍ଗନା ଚଳୁଥିବେ ସେଠି
ପୁରଣ କରିବି ମୋ ମାନସିକ ॥

ଶୈଳଶ୍ରୀ ବିହାର ,ଭୁବନେଶ୍ୱର

॥ कृष्णःकर्षति आकर्षति सर्वान जीवान् इति कृष्णः

॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆସ ନି ଯେ ଘାଏ

(ସମ୍ବଲପୁରୀ ଗୀତି କବିତା)

ଅଧିକାରୀ ସା

ମୟୂର ଝଲିଆ ଯମୁନା କୁଲିଆ
କଳାକାହ୍ନୁ ବନମାଳୀ
ଦହି ମହି ଖିଆ ରାଧିକା ରସିଆ
ମହ ମହକିଆ ମଲି ।

ଆହେ ମୁରାରି ବଁଶୀଧାରୀ
ଗୋପର୍ ଉଦିଆଁ ଜନ୍
ନନ୍ଦ ଯଶୋଦାର୍ ଜୀବର୍ ଜୀବନ୍
ବସୁଦେବ୍ ଦେବକୀର୍ ଧନ ।

ନୁରା ଲାଗଲା ନ ବଁଶୀ ସୋର୍ କେ
ହଏ ହୋ ଗୋପର୍ ରଜା
ମନଟା ବଲୁଛେ ବସି ଶୁନୁଥିତିଁ
ଲାଗୁଥିତା କେଡେ ମଜା ।

ମୁହୁଁ ଦେଖି ତୁମର ମୋହି ଯାଉଥିତିଁ
ହଁସି ଦେଉଥିତ ଗେଲେଁ
ଲାଜେଁ ଲାଜେଁ ମୁଇଁ ଉପରିଆ ହେତିଁ
ବସିଥିତିଁ ତୁମର କୁଲେଁ ।

ଲୁକୁଥିତ ତୁମେ ନୁରୁଥିତିଁ ମୁଇଁ
ଭାବେଁ ତ ହେଇ ଜଖେଇ
ପଛାଡୁଁ ଆସି, ମୋର- ଆଏଁକ୍ ଛାପକି
ପ୍ରେମ୍ କଥା ଦେତ କହି ।

ପିରତିର୍ ଦୁଲିଥିଁ ଦୁଲୁଥିତାଁ ଦୁହେଁ
ଉସତ୍ ଲାଗତା ମନ୍
ଇ ଜନମେ ଘାଏ ରାଧା ହେତିଁ ମୁଇଁ
ପାଇ କଳାକାହ୍ନୁ ଧନ୍ ।

ଆସ ନିଜେ ଘାଏ ବଁଶୀ ବଜେଇ
ମହମହନିଆଁ ସୁରେଁ
ହଲି ଝୁଲି ଆମେ ସଭେ ନାଚୁଥିମୁ
ବନ୍ଧା ହେଇ ଭାବର୍ ଡୁରେଁ ।

ମନ ଯମୁନାଟା ସୁଖା ପରିଛେ ହୋ
ଉଛଲିଯାଉ ଫେର୍ ଘାଏ
ଦେହେ ବୃନ୍ଦାବନ ପବିତର୍ ହେଉ
ଜୀବନ୍ ହେଉ ପ୍ରେମମଏ ।

ଭକ୍ତିର୍ ରସେଁ ଭିଜେଇ ଦିଅ ଘାଏ
ପାପ୍ ହେଇଯାଉ ଧୁଇ
ହିଁସା ହଁକାର ଲୋଭ୍ ଲାଲସ୍ ଯେତେ
ତୁମକୁଁ ଦେଖି ଯାଉ କୁହି ।।

ସିଧରା, ବରଗଡ

।। कृष्णःकर्षति आकर्षति सर्वान जीवान् इति कृष्णः
।। କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ।।

ବିଶେଷାଙ୍କ "କୃଷ୍ଣ"
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଦେଖ କୃଷ୍ଣ !

ରତିକାନ୍ତ ଦୁବେ

ଦେଖ କୃଷ୍ଣ !
ମୋ ଗର୍ବର ଗାଣ୍ଡିବ ଏବେ
ମଥା ନତ ଶ୍ରୀଖଣ୍ଡି ସାଜିଛି
ମୋ ରଦ୍ଧଦ୍ୱାର ନିଶା ଭଗ୍ନ
ଅଦେହ ଆହତ ଦେହ ଏବେ
ବିଷମୟ ଯନ୍ତ୍ରଣା ବିଜଡ଼ିତ
ଯୁଦ୍ଧ ଶେଷ ରାତ୍ରି ପରି
ପାଣ୍ଡୁର ....ନିଥର !
ନୀରବ ସମୟ ଭାର ଏଇନା
ନିଃଶବ୍ଦ ଗମ୍ଭୀର ... ।

ହେ ପାର୍ଥ !
ବାଣ୍ଟିନେବା ଆସ
ଯେତେ ସବୁ ହଳା ହଳ ବିଷ
ଅବା
କଳା ନୀଳ ରକ୍ତାଭ ଆକାଶ
ମରଣ ଆଡକୁ ମୁହଁ ଟେକିଥିବା
ଚରିତ୍ର ଦ୍ରୌପଦୀ ଏବେ
କୁରୁସଭା ରେ ପୁଣି ଥରେ
ଲାଂଛିତ ....ପତିତ !
ସହିବାକୁ ମେଦିନୀର ଭାର
ଆସ ସଖା ! ଆସ !
ସମୟର କୃଷ୍ଣ ମୋର !
ନୀରବ ସମୟ ଭାର
ଏଇନା ନିଃଶବ୍ଦ ଗମ୍ଭୀର .... ॥

ପଞ୍ଚଜନ୍ୟ ଶୁଣାଅ ତୁମର
ପ୍ରାଣବନ୍ତ କର ଏ ଭୁବନ
କୋଳାଗ୍ରତ କର ମୋତେ
କର ଆଲିଙ୍ଗନ !
ତୁଟୁ ମୋର ବୃଥା ଅଭିମାନ
ଆସ ସଖା !
ଦୀପ୍ତ କର
ଅଦେହୀ ଅଙ୍ଗରେ ଭର
ଅସରନ୍ତି ଶକ୍ତିର ଫୁଆର
ନୀରବ ସମୟ ଭାର
ଏଇନା ନିଃଶବ୍ଦ ଗମ୍ଭୀର
ନୀରବ ସମୟ ଭାର ଏଇନା
ନିଃଶବ୍ଦ ଗମ୍ଭୀର ......॥

ନବରଂଗପୁର
ଓଡ଼ିଶା

॥ कृष्णःकर्षति आकर्षति सर्वान जीवान् इति कृष्णः
॥ କୃଷ୍ଣ କର୍ଷତି ଆକର୍ଷତି ସର୍ବାଂ ଜୀବାନ ଇତି କୃଷ୍ଣ ॥

ସୃଜନୀ ପରିବାର (ଚେନ୍ନାଇ)

ଗୋପୀ ଗୀତମ୍

ଗୋପ୍ୟ ଉଚୁଃ-

ଜୟତି ତେଽଧିକଂ ଜନ୍ମନା ବ୍ରଜଃ
ଶ୍ରୟତ ଇନ୍ଦିରା ଶଶ୍ୱଦତ୍ର ହି ।
ଦୟିତ ଦୃଶ୍ୟତାଂ ଦିକ୍ଷୁ ତାବକା-
ସ୍ତ୍ୱୟି ଧୃତାସବସ୍ତ୍ବାଂ ବିଚିନ୍ୱତେ । ୧ ।

ଭାବାର୍ଥ :

ଭୋ ନାଥ ଯଶୋଦା କୁମର
ତୋ ଜନ୍ମ କାଲୁଁ ଗୋପପୁର ।
ଦାରିଦ୍ର୍ୟ ଦୁଃଖ ତ ନ ଜାଣି
ଆମ୍ଭର ଘରେ କମଳିନୀ ।
ଅନେକ ହୋଇଲା ସମ୍ପଦ
କେ କହୁ ଆମ୍ଭର ଆନନ୍ଦ ।
ଆମ୍ଭ ଜୀବନ ଅଟୁ ତୁହି
ତୋ ବିନୁ ଅନ୍ୟ ଗତି ନାହିଁ ।
ତୋର ସମ୍ପଦ ଭୋଗ କରି
ତୋ ମୁଖ ଚାହିଁ ଦୁଃଖ ହରି   ।
ମୁରଲୀନାଦେ ଅଣାଇଲୁ
ମୁଖୁଁ ଅମିୟ ରସ ଦେଲୁ   ।
ଘୋର ଗହନ ବନେ ଥୋଇ
ଅନାଥ କରିଗଲୁ କାହିଁ   ।
ଏବେ ଦେଖାଅ ପଦ୍ମମୁଖ
ବାରେ ଜୀବନ ଆମ୍ଭ ରଖ ।   ୧

.......କ୍ରମଶଃ

- ଭାଗବତ -

www.hirranmayi.com